THE SUNDAY SECTION OF NITIDIN

ନିତିଦିନ NITIDIN


# ନିଜର

୧୬ ପୃଷ୍ଠା | ରବିବାର ମ୍ୟାଗାଜିନ୍ | ରବିବାର, ୫ ଜୁଲାଇ ୨୦୨୬

ମନୋରଞ୍ଜନ

କିଆରା ଓ ସିଦ୍ଧାର୍ଥ ଘରେ ଛୋଟ ଅତିଥି






ବୌଦ୍ଧ ପରିକ୍ରମାରେ

# 'ଓଡ଼ିଶା'

# ପଲ୍ଲୀ ମୂଳକର ପଲ୍ଲୀକବି ନନ୍ଦକିଶୋର

ଡ଼ଃ. ଅରୁନ୍ଧତୀ ଦେବୀ



'ବିଲ କାମ ସାରି ଗୀତ ଗାଇ ଗାଇ.., ବାହୁଡ଼ଇ ଚଷା ଘରେ..., ପୋଡପିଠା ମୁଢ଼ି ଖାଇ ମହାସୁଖେ ବସିବ ଚୁଲି ମୁଣ୍ଡରେ...। ଅଥବା ଡାମରା କାଉରେ ଡାମରା କାଉ ଉଚ୍ଚ ପରବତେ ବୋବାଉଥାଉ, ଉଚ୍ଚ ପରବତ ଘୁଞ୍ଚି ଘୁଞ୍ଚିକା ତହିଁରେ ବସିଛି ତିନି ମଞ୍ଜିକା...। ଅଥବା ମେଘ ବରଷଇ ଟପର ଟପର କେଶୁର ମାଇଲା ଗଜ, କୋଉ ରାଇଜରେ ରହିଲେ ମୋ ରଜା, ତେଲିଙ୍ଗି ବାଇଦ ବଜା...।' ଭଳି ଅଭୁଲା ପଦ୍ୟ ମନରେ ଯେଉଁ ଆବେଗ ସୃଷ୍ଟି କରେ, ତାର ପଟ୍ଟାନ୍ତର ନାହିଁ। ଆମ ରାଜ୍ୟର ପାଣି-ପବନ, ଗ୍ରାମ୍ୟ ଜୀବନ ଆଦିକୁ ଏଭଳି ସରଳ ଭାଷା ଓ ଛନ୍ଦରେ ରୂପାୟିତ କରିଯାଇଛନ୍ତି ପଲ୍ଲୀକବି ନନ୍ଦକିଶୋର ବଳ। ତାଙ୍କ କବିତାଗୁଡ଼ିକରେ ପଲ୍ଲୀ ଜୀବନ ଓ ପଲ୍ଲୀ ପ୍ରକୃତିର ଅପୂର୍ବ ବର୍ଣ୍ଣନା ଦେଖିବାକୁ ମିଳେ। ତାଙ୍କ ପଦ୍ୟଗୁଡ଼ିକର ମୂଲ୍ୟାୟନ କରି ବ୍ୟାସକବି ଫକୀରମୋହନ ଲେଖିଥିଲେ - 'ପଢ଼ିଗଲି ବେଗେ ପଲ୍ଲୀ ପ୍ରସଙ୍ଗ ବାରତା, କେହି କେବେ କହିନାହିଁ ଏ ପ୍ରକାର କଥା।' ନନ୍ଦକିଶୋରଙ୍କୁ ପଲ୍ଲୀକବି ଉପାଧି ଜଣେ କେହି ଦେଇନାହିଁ; ଏହା ସମସ୍ତଙ୍କ ଦ୍ୱାରା ପ୍ରଦତ୍ତ। ଏହା ହିଁ ତାଙ୍କ ସାରସ୍ୱତ ପ୍ରତିଭାର ବିଶେଷତ୍ୱ।

ପଲ୍ଲୀକବି ତାଙ୍କ କାଳଜୟୀ ସୃଷ୍ଟିରେ ସମସ୍ତ ଦିଗର ନବ ଉନ୍ମେଷ କରିଛନ୍ତି। ଧର୍ମ ସମ୍ପର୍କରେ ସେ ଲେଖିଛନ୍ତି - 'ସତବର୍ଷ ଯଜ୍ଞ ପ୍ରତିମା ପୂଜାରେ, ଯେ ଧର୍ମ ନୁହେଁ ସଞ୍ଚିତ। କାହାପ୍ରତି କେବେ କୁପିତ ନୋହିଲେ ହୁଏ ସେ ପୁଣ୍ୟ ଅର୍ଜିତ।' କର୍ମ ସମ୍ପର୍କରେ ସେ ଲେଖିଛନ୍ତି - 'ଏ ଜଗତ ସର୍ବ କର୍ମର ଆୟତ୍ତ, କର୍ମ ସୁଖ ଦୁଃଖ ହେତୁ, କର୍ମ କରେ ସ୍ୱର୍ଗ ନରକ ରଚନା, ଭୋଗ ଜାତ କର୍ମ କ୍ଷେତ୍ରୁ।' ସେହିପରି କ୍ଷମା ସମ୍ପର୍କରେ ସେ ଉଲ୍ଲେଖ କରିଛନ୍ତି - 'ରାଜଦଣ୍ଡ ସିନା ଉପୁଜାଏ ଭୀତି, କ୍ଷମା ଭକତି କାରଣ କ୍ଷମାମୟ ହରି ଅନନ୍ତ ସଂସାରେ ପାଳନ୍ତି ବିଶ୍ୱ ଭୁବନ'। ସତ୍ୟ ସମ୍ପର୍କରେ ଲେଖିଛନ୍ତି - 'ସତ୍ୟସମ କଟୁ ବଚନ କାହିଁ ? ମିଥ୍ୟା ଠାରୁ ଚିର ମଧୁର କାହିଁ ?' ଭାଗ୍ୟ ସମ୍ପର୍କରେ ତାଙ୍କ ରଚନାଟି ହେଉଛି -'ଦୁଃଖ ସୁଖ ମିଶା ମିଶି ଏ ବିଶ୍ୱ ସଂସାରେ, କିଏ କେଉଁଠାରେ ବେଶି ଭାଗ୍ୟ ଅନୁସାରେ।' ଜୀବନର ପ୍ରତିଟି କ୍ଷେତ୍ରକୁ ଅତି ନିଖୁଣ ଭାବରେ ସେ କଲମ ମୁନରେ ତରଙ୍ଗ ସୃଷ୍ଟି କରିଥିଲେ। କର୍ତ୍ତବ୍ୟ ସମ୍ପର୍କରେ ସେ ଲେଖିଛନ୍ତି - 'ଦୁଃଖ ସୁଖ ମଧ୍ୟରେ କର୍ତ୍ତବ୍ୟ କର୍ମ, ସାଧିବା ମାନିବାର ଶାଶ୍ୱତ ଧର୍ମ।' ପରୋପକାର ସମ୍ପର୍କରେ ସେ ଲେଖିଛନ୍ତି - 'ନିଜ ସୁଖ ସର୍ବେ ଲୋଡ଼ନ୍ତିଭବେ, ପରନେତ୍ରେ ଧୂଳି ଦିଅନ୍ତି ଲଭେ।' ତାଙ୍କ ରଚନାରେ ପ୍ରେମ ଓ ପ୍ରୀତି ଅତି ଚମତ୍କାର ଭାବେ ବର୍ଣ୍ଣନା ହୋଇଛି - ସେ ଲେଖିଛନ୍ତି - 'ସଂସାରର ପ୍ରେମ ଆବିଳ ଭାଇ, ନିର୍ମଳ ପ୍ରେମ ଏ ସଂସାର ନାହିଁ।' ପିତାମାତା ଓ ପରିବାର ସମ୍ପର୍କରେ ତାଙ୍କ କାଳଜୟୀ ଧାଡ଼ିଟି ହେଉଛି - 'ମାତୃ ସ୍ନେହ ସମ କି ଅଛି ସଂସାରେ, ଅଟେ ତା ସରଗ ସୁଧା। ଅନନ୍ତ ଅକ୍ଷୟ ଅମୃତ ଭଣ୍ଡାର ପାନେ ନ ମେଣ୍ଟଇ କ୍ଷୁଧା।' ନିନ୍ଦା ଓ ପ୍ରଶଂସା ବିଷୟରେ ତାଙ୍କ କାଳଜୟୀ ପଂକ୍ତିଟି ହେଉଛି - 'ପ୍ରଶଂସିତ ଆଜି ଯାହା ଜନସାଧାରଣ, କରନ୍ତି ତାହାଠାରେ କାଲି ଦୋଷ ଆରୋପଣ।' କବି ଓ କାବ୍ୟ ସମ୍ପର୍କରେ ତାଙ୍କ ରଚନାଟି ହେଉଛି - 'ଏ ଜଗତେ ସଦା ବୀଣାପାଣି ଭକ୍ତଗଣ, ଦରିଦ୍ରତା ଅନାଦରେ ଯାପି ବେ ଜୀବନ। ଏହି ଆଜ୍ଞା କବି ଭାଲେ ହୋଇଛି ଲିଖିତ ସର୍ବକବି ଜୀବନରେ ଏହା ପ୍ରମାଣିତ।'

ମାହାଙ୍ଗା ଅନ୍ତର୍ଗତ କୁସୁପୁରରେ ଜନ୍ମିତ ନନ୍ଦକିଶୋରଙ୍କ ପିତାଙ୍କ ନାମ ଭଜନାନନ୍ଦ ଜେନା ଓ ମାତାଙ୍କ ନାମ ହିରଣ୍ମୟୀ ଦେବୀ। ଶୈଶବରେ ସେ ରସାନନ୍ଦ ଜେନା ନାମରେ ପରିଚିତ ଥିଲେ। ପିଉସୀ ପୋଷ୍ୟପୁତ୍ର କରିନେବା ପରେ ନାମ ବଦଳି ହୋଇଥିଲା ନନ୍ଦକିଶୋର ବଳ। ବାଲ୍ୟ ଜୀବନ କଟିଥିଲା କୁସୁପୁରରେ। ଗାଁ ସ୍କୁଲରୁ କଟକର ଟାଉନ ସ୍କୁଲ, ରେଭେନ୍ସା କଲେଜିଏଟ୍ ସ୍କୁଲ, କେନ୍ଦ୍ରାପଡ଼ା ଉଚ୍ଚ ଇଂରେଜୀ ବିଦ୍ୟାଳୟ ଓ ରାଭେନ୍ସା କଲେଜ। କଲେଜରେ ପଢ଼ିବା ବେଳେ ସେ ପ୍ରଥମେ ପ୍ରବନ୍ଧ ଲିଖନ ପ୍ରତି ଆଗ୍ରହୀ ହୋଇଥିଲେ। ନିଜର ପ୍ରଥମ ପ୍ରବନ୍ଧକୁ ପରେ କବିତା ରୂପ ଦେଇଥିଲେ ଏବଂ ସେଇଟି ହେଉଛି ପଲ୍ଲୀ ଚିତ୍ର। ନିର୍ଝରିଣୀ, ଚାରୁଚିତ୍ର, ବସନ୍ତ କୋକିଳ, ତରଙ୍ଗିଣୀ, ଜନ୍ମଭୂମି, ନିର୍ମାଲ୍ୟ ଆଦି ତାଙ୍କର ଅନ୍ୟ ଶ୍ରେଷ୍ଠ କୃତି। ତାଙ୍କ ଦ୍ୱାରା ଲିଖିତ ଏକମାତ୍ର ଉପନ୍ୟାସ କନକଲତା ମଧ୍ୟ ପଲ୍ଲୀଭିତ୍ତିକ। ଏହି ଉପନ୍ୟାସ ସଂପର୍କରେ ଆଧୁନିକ ଯୁଗର ବିଶିଷ୍ଟ ଓଡ଼ିଆ କବି ଡ.ମାୟାଧର ମାନସିଂହ ମତ ଦେଇଥିଲେ। ଉପନ୍ୟାନସଟି ପଲ୍ଲୀ ଜୀବନର ଓ ପଲ୍ଲୀ ପ୍ରକୃତିର ସୌରଭ ବିତରଣ କରେ। କଟକରେ ଭକ୍ତକବି ମଧୁସୂଦନଙ୍କ ଦ୍ୱାରା ସ୍ଥାପିତ ଟାଉନ୍ ସ୍କୁଲର ଶିକ୍ଷକ ଭାବେ ନନ୍ଦକିଶୋରଙ୍କ କର୍ମମୟ ଜୀବନ ଆରମ୍ଭ ହୋଇଥିଲା। କିଛି କାଳ ଶିକ୍ଷକତା କଲା ପରେ ସେ ସ୍କୁଲ ସବ୍ଇନ୍ସପେକ୍ଟର ଭାବେ ପଦୋନ୍ନତି ପାଇଥିଲେ। ବାରମ୍ବାର ଗସ୍ତ, ବଦଳି ଯୋଗୁଁ କ୍ରମେ ସ୍ୱାସ୍ଥ୍ୟ ଭଙ୍ଗ ହୋଇଥିଲା। ଏହି କାରଣରୁ ସ୍ୱେଚ୍ଛାକୃତ ଅବସର ନେଇ ଫେରିଥିଲେ ଗାଁକୁ। ଇଚ୍ଛା ଥିଲା ଅବଶିଷ୍ଟ ଜୀବନ ଗ୍ରାମରେ କଟାଇବେ। ତାହା ହେଲା ନାହିଁ। ଚିକିତ୍ସା ପାଇଁ କଟକ ଆସିଥିଲେ। ଚିକିତ୍ସିତ ହେଉଥିବାବେଳେ ମାତ୍ର ବାଉନ ବର୍ଷ ବୟସରେ ୧୯୨୮ ଜୁଲାଇରେ ତାଙ୍କର ପରଲୋକ ହୋଇଥିଲା। ପଲ୍ଲୀମାଟିର କାଳଜୟୀ ଏହି କାବ୍ୟସ୍ରଷ୍ଟାଙ୍କ ଚମତ୍କାର ଓ ଅନୁପମସୃଷ୍ଟି ଚିରକାଳ ପାଇଁ ଓଡ଼ିଆ ଭାଷା ସାହିତ୍ୟ ଓ ସାରସ୍ୱତ ସାଧନା ଜଗତକୁ ପ୍ରେରଣାର ମାର୍ଗ ଦେଖାଇବ।

**ନିର୍ଦ୍ଦେଶିକା - ସମ୍ପାଦିକା, ଆଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ଦୂରଭାଷ : ୯୯୩୭୧୭୨୮୧୦**

# ମହାପ୍ରଭୁଙ୍କ ମାଉସୀ ମା' ଓ ପୋଡ଼ ପିଠା



ମହାପ୍ରଭୁଙ୍କ ଲୀଳା ମହିମା ଅତିବ ବିଚିତ୍ର ଓ ଅଲୌକିକ। ଆମ ମାନଙ୍କ ନିତିଦିନିଆ ଜୀବନରେ ଅନେକଙ୍କର ସମ୍ପର୍କୀୟ ମାଉସୀ ଥାଆନ୍ତି। ଓଡ଼ିଆ ଲୋକ ଚଳଣୀରେ ଏକ କଥା ରହିଆସିଛି - 'ବାପା ଅଧା ପିଉସୀ, ମାଆ ଅଧା ମାଉସୀ'। ତେଣୁ ସାଧାରଣ ଜୀବନରେ ମାଉସୀ ମା'ଙ୍କ ଗୁରୁତ୍ୱ ଏହିଥିରୁ ପ୍ରତୀୟମାନ ହୁଏ। ଲୀଳାମୟଙ୍କ ମାଉସୀ ମା'ହେଉଛନ୍ତି ଦେବୀ 'ଅର୍ଦ୍ଧାସନୀ'। 'ପୁରୁଷୋତ୍ତମ ମହାତ୍ମ୍ୟ'ରେ ବର୍ଣ୍ଣିତ ଅଛି ଦେବୀ ଅର୍ଦ୍ଧାସନୀ ପ୍ରଳୟୋଦକକୁ ଶୋଷଣ କରି କ୍ଷେତ୍ରକୁ ରକ୍ଷା କରିବା ସଙ୍ଗେ ସଙ୍ଗେ ଶବରଙ୍କ ନିବାସ ସ୍ଥଳକୁ ସୁରକ୍ଷା କରିଥିବାରୁ ଦଇତାମାନେ ଏହାଙ୍କୁ ଇଷ୍ଟଦେବୀଙ୍କର ମାନ୍ୟତା ପ୍ରଦାନ କରିବା ସହ ପୂଜା କରିଥାନ୍ତି। ଗବେଷକ ଶ୍ୟାମ ପ୍ରକାଶ ସେନାପତିଙ୍କ ତଥ୍ୟ ଅନୁଯାୟୀ ତାଙ୍କର ନାମକୁ ଅର୍ଦ୍ଧଶୋଷଣୀ ବା ଅର୍ଦ୍ଧସନୀ ବୋଲି କୁହାଯାଇପାରେ। ଯିଏ ହୃଦୟର ଅଜ୍ଞାନତାକୁ ଭେଦ ବା ଶୋଷଣ କରନ୍ତି ସେ ଅର୍ଦ୍ଧଶୋଷଣୀ ଶକ୍ତି।



ଅର୍ଦ୍ଧାସନୀ ବା ମାଉସୀ ମା'ଙ୍କ ମନ୍ଦିର ରଥ ମାର୍ଗ ବା ଶ୍ରୀକ୍ଷେତ୍ର ବଡ଼ଦାଣ୍ଡ ଦଇତା ପଡା ସାହିର ପାର୍ଶ୍ୱରେ ଏବଂ ଶ୍ରୀମନ୍ଦିର ଓ ଗୁଣ୍ଡିଚା ମନ୍ଦିର ପ୍ରାୟ ମଧ୍ୟ ଭାଗରେ ଅବସ୍ଥିତ। ଐତିହାସିକ ତଥ୍ୟ ଅନୁଯାୟୀ ଏହି ମନ୍ଦିରର ନିର୍ମାଣ ହୋଇଥିଲା କେଶରୀ ବଂଶର ରାଜାଙ୍କ ସମୟରେ। ମାଉସୀ ମା'ମୂଳତଃ ଏକ କୃଷ୍ଣପ୍ରସ୍ଥର ନିର୍ମିତ ଦ୍ୱିଭୁଜା ରମଣୀୟ ବିଗ୍ରହ। ବିଗ୍ରହଙ୍କ ଦୁଇ ପାର୍ଶ୍ୱରେ ଦୁଇଜଣ ପାର୍ଶ୍ୱଦେବୀ ବିଦ୍ୟମାନ। ମନ୍ଦିରର ଦ୍ୱାର ଦେଶରେ ଦୁଇଟି ବଡ଼ସିଂହ ବଡ଼ ଦାଣ୍ଡକୁ ମୁହଁ କରି ରହିଛନ୍ତି। ମାଉସୀ'ମାଙ୍କ ନୀତିକାନ୍ତି ପ୍ରତିଦିନ ଭୋରୁ ଆରମ୍ଭ ହୋଇଥାଏ। ପ୍ରତ୍ୟୁଷରୁ ଦ୍ୱାରଫିଟା ଯାଇ ମା'ଙ୍କ ସ୍ନାନ, ବେଶ କରାଯିବା ସହ ସକାଳ ଓ ସନ୍ଧ୍ୟାରେ ଆଳତୀ ପୂର୍ବକ ବାଲ ଭୋଗ କରାଯାଇଥାଏ। ମାଉସୀ ମା'ଙ୍କ ପୂଜା ବନଦୁର୍ଗା ମନ୍ତ୍ରରେ ଅନୁଷ୍ଠିତ ହୋଇଥାଏ। ମାଉସୀ ମା'ଙ୍କ ଅନେକ ନୀତିକାନ୍ତି ସବୁ ରହିଛି।

ପବିତ୍ର ନୃସିଂହ ଚତୁର୍ଦ୍ଦଶୀ ଦିନ ମା'ଙ୍କ ଜଳାଶାୟୀ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଥାଏ। ମା' ହେଉଛନ୍ତି ପରମ ବୈଷ୍ଣବୀ। ଶ୍ରୀଗୁଣ୍ଡିଚା ରଥଯାତ୍ରା ସମୟରେ ମାଉସୀ ମା' ମନ୍ଦିର ଭକ୍ତଜନଙ୍କ ବିଶେଷ ଆକର୍ଷଣର କେନ୍ଦ୍ର ବିନ୍ଦୁ ପାଲଟିଥାଏ। କାରଣ ମହାପ୍ରଭୁ ମାଉସୀ ମା'ଙ୍କ ଦର୍ଶନ ନିମିତ୍ତ ବାହୁଡ଼ା ଯାତ୍ରା ଦିନ ଗୁଣ୍ଡିଚା ମନ୍ଦିରରୁ ଫେରିଲା ବେଳେ ମାଉସୀ ମା'ଙ୍କ ମନ୍ଦିର ପାଖରେ ଅଟକି ଥାଆନ୍ତି ଓ ପୋଡ଼ପିଠା ଖାଇଥାଆନ୍ତି।

ମାଉସୀ ମା'ଙ୍କ ପୋଡ଼ ପିଠା : ମହାପ୍ରଭୁ ଦାରୁ ଦେବତା ପୂର୍ଣ୍ଣବ୍ରହ୍ମ ଲୀଳାମୟ ତାଙ୍କର ଲୀଳା ଯେତିକ ଆନନ୍ଦଦାୟକ ସେତିକ ଲୀଳା ମହାତ୍ମ୍ୟପୂର୍ଣ୍ଣ। ପ୍ରଥା ଓ ପରମ୍ପରା ଅଛି ମହାପ୍ରଭୁ ମାଉସୀଙ୍କ ଠାରୁ ପୋଡ଼ ପିଠା ଖାଇ ଶ୍ରୀମନ୍ଦିର ଅଭିମୁଖେ ଯାତ୍ରା କରିଥାନ୍ତି। ମାଉସୀ ପୁଣି ଅପେକ୍ଷା କରି ରହିଥାନ୍ତି ଆସନ୍ତା ରଥଯାତ୍ରାକୁ।

ଏଇଠି ଆମେ ପୋଡ଼ପିଠା ସମ୍ପର୍କରେ ଟିକିଏ ଉଲ୍ଲେଖ କରିବା। ମହାପ୍ରଭୁଙ୍କ ପାଇଁ ଯେଉଁ ପୋଡ଼ପିଠା ପ୍ରସ୍ତୁତ ହୁଏ ସେଥିରେ ଛେନା, ଗହମ ଅଟା, ବିଶୁଦ୍ଧ ଘିଅ, ଚିନି, ବାଦାମ, ଖିସମିସ, ଅଳେଇଚ, ଲବଙ୍ଗ ପ୍ରଭୃତି ଦ୍ରବ୍ୟରେ ପ୍ରସ୍ତୁତି ହୋଇଥାଏ। ଏ ସମସ୍ତ ଦ୍ରବ୍ୟକୁ ଏକତ୍ର କରି ମାଟି ତାଡ଼ରେ ପ୍ରସ୍ତୁ ହୋଇ ସମର୍ପଣ ହୁଏ। ଆମ ନିତିଦିନିଆ ଜୀବନରେ ସର୍ବୋପରି ସାମାଜିକ ପରମ୍ପରାରେ ଆମେ ମାଉସୀ ଘରକୁ ଗଲାବେଳେ, ମାଉସୀ ତାଙ୍କ ଘରେ ଯେପରି ଭଲ ପାଇବା, ଶ୍ରଦ୍ଧା ଓ ମମତା ଅଜାଡ଼ି ଦେଇଥାନ୍ତି ଠିକ ସେହିପରି ମହାପ୍ରଭୁଙ୍କ ସଂସ୍କୃତିରେ ସମାନ ସାମାଜିକ ପରମ୍ପରା ପ୍ରତିଫଳିତ ହୋଇଛି। ମହାପ୍ରଭୁଙ୍କ ମାଉସୀଙ୍କ ପ୍ରତି କେତେ ଆତ୍ମୀୟତା ଭାବ ଓ ଶ୍ରଦ୍ଧା ରହିଛି ରଥଯାତ୍ରାରେ ମାଉସୀ ମା' ମନ୍ଦିରର ନୀତି ତାହାର ଏକ ଦୃଷ୍ଟାନ୍ତ।

**ପୋପରଡ଼ା, ନୂଆ ବଜାର, କଟକ, ଦୂରଭାଷ : ୮୨୪୯୨୬୦୬୨୧**
E-mail : chhatoi.sukanta@yahoo.co.in

ଦୃଷ୍ଟିକୋଣ

# ବୌଦ୍ଧ ସାହିତ୍ୟରେ 'ଥେରିଗାଥା'

ଡ. ବାସନ୍ତୀ ମହାନ୍ତି



ଗୌତମ ବୁଦ୍ଧ ଜୀବଦ୍ଦଶାରେ ବୌଦ୍ଧ ସଂଘକୁ ଖଣ୍ଡ ବିଖଣ୍ଡିତ ହେବାପାଇଁ ଦେଇନଥିଲେ। ନାନା ବିଧ ଅସନ୍ତୋଷ, ଅସହିଷ୍ଣୁତା ଈର୍ଷା ଅସୂୟା ସତ୍ତ୍ୱେ ଭିକ୍ଷୁଭିକ୍ଷୁଣୀମାନେ ସଂଘଭୁକ୍ତ ହୋଇ ରହିଥିଲେ। ବୁଦ୍ଧଙ୍କର ନୀରବତା ଅନେକ ସମସ୍ୟାକୁ ଦୂରୀଭୂତ କରିଦେଇଥିଲା। ବାଲ୍ୟକାଳରୁ ଗୌତମଙ୍କ ପ୍ରତି ଈର୍ଷା ପରାୟଣ ହେଉଥିବା ଦେବବ୍ରତ ପ୍ରଥମେ ସଂଘରେ ବିଦ୍ରୋହ ଆରମ୍ଭ କରିଥିଲା। ବୌଦ୍ଧଭିକ୍ଷୁ ଭିକ୍ଷୁଣୀଙ୍କ ପାଇଁ କେତୋଟି ପ୍ରସ୍ତାବ ଉପସ୍ଥାପନା କରିଥିଲା ଯାହା ପ୍ରତି ବୁଦ୍ଧଦେବ ଆଦୌ ଆଗ୍ରହ ପ୍ରକାଶ କରିନଥିଲେ। ଫଳରେ ସେ ଆଉ ଗୋଟିଏ ନୂଆ ସଂଘ ଗଢ଼ିବା ପାଇଁ ପ୍ରୟାସ କରି ବିଫଳ ହୋଇଥିଲେ। କିନ୍ତୁ ବୁଦ୍ଧଙ୍କ ଅନ୍ତେ ପ୍ରାୟ ୧୦୦ ବର୍ଷ ପରେ ପୁଣି ଭିକ୍ଷୁଭିକ୍ଷୁଣୀଙ୍କ ମଧ୍ୟରେ ବିଶୃଙ୍ଖଳିତ ଆଚରଣ ଦେଖାଗଲା। ଏଥିପାଇଁ ଦ୍ୱିତୀୟ ବୌଦ୍ଧ ମହାସଭା ମଧ ଆହ୍ୱାନ କରାଗଲା। କିନ୍ତୁ ସମାଧାନର କୌଣସି ପନ୍ଥା ନ ବାହାରିବାରୁ ବିଦ୍ରୋହୀମାନେ ମହାସଂଘ ନାମରେ ଅନ୍ୟ ଏକ ଗୋଷ୍ଠୀ କଲେ। ଏହି ମହାସଂଘ ପରବର୍ତ୍ତୀ ପର୍ଯ୍ୟାୟରେ ମହାଯାନ ନାମରେ ଏବଂ ମୂଳଗୋଷ୍ଠୀ ସ୍ଥବିର ଗୋଷ୍ଠୀ ନାମରେ ପରିଚିତ ହେଲା। ସ୍ଥବିର ଗୋଷ୍ଠୀ ବୁଦ୍ଧଦେବଙ୍କ ମୂଳଶିକ୍ଷା ଓ ନୀତି ନିୟମକୁ ସଂପୂର୍ଣ୍ଣ ଅକ୍ଷୁଣ୍ଣ ରଖିଲେ। ଏହି ଗୋଷ୍ଠୀର ଅଳ୍ପ ଲୋକ ରହିବାରୁ ଏହାକୁ ହୀନଯାନ କୁହାଗଲା। ହୀନ ନିଚ୍ଛତା ଅର୍ଥରେ ବ୍ୟବହୃତ ହେଉ ନ ଥିଲା। ଛୋଟ ବା କ୍ଷୁଦ୍ର ଯାନରେ ଅଳ୍ପ ଲୋକ ବସି ଲକ୍ଷ୍ୟ ସାଧନ ଦିଗରେ ଅଗ୍ରସର ହେବେ। ମହାଯାନ ଅର୍ଥାତ୍ ବଡ଼ ଯାନରେ ବହୁ ଲୋକ ବସି ପାରି ହୋଇଯିବେ। ଯେହେତୁ ବହୁଲୋକ ପାରିହୋଇଯିବା ସମ୍ଭାବନା ଥିଲା ଏହାର ନୀତିନିୟମରେ କୋହଳ ବ୍ୟବସ୍ଥା ଥିଲା। ଫଳରେ ବୁଦ୍ଧଙ୍କୁ ନେଇ ଅନେକ କଳ୍ପନା ଜଳ୍ପନା କାହାଣୀ କିମ୍ବଦନ୍ତୀ ଗଢ଼ିଉଠିଥିଲା। ମୂର୍ତ୍ତି ସ୍ତୁପ ବୌଦ୍ଧ କଳା ସଂସ୍କୃତି ସାହିତ୍ୟ ସବୁ ଏହି ମହାଯାନ ପନ୍ଥୀମାନଙ୍କର ପରିକଳ୍ପନା। ଚୀନ୍, ଜାପାନ୍, କୋରିଆ, ମଙ୍ଗୋଲିଆ ଆଦି ରାଷ୍ଟ୍ରମାନଙ୍କରେ ମହାଯାନ ପନ୍ଥୀମାନଙ୍କର ପ୍ରାଧାନ୍ୟ ରହିଥିବାବେଳେ ସିଂହଳ କାମ୍ବୋଡ଼ିଆ ବର୍ମା ଆଦି ଦେଶମାନଙ୍କର ହୀନଯାନୀମାନେ ରହିଲେ। ହୀନ ଯାନୀ ସ୍ଥବିରବାଦୀ ପ୍ରାୟ ଏକା କଥା। ସ୍ଥବିର ଅର୍ଥ ବୃଦ୍ଧ ବୟସ୍କ ବରିଷ୍ଠ ଅର୍ଥରେ ଗ୍ରହଣ କରାଯାଇ ପାରେ। ସ୍ଥବିରକୁ ପାଲି ଭାଷାରେ 'ଥେର' ବୋଲି କୁହାଯାଏ, ଯେଉଁମାନେ ହୀନ ଯାନରେ ବିଶ୍ୱାସ କରନ୍ତି ସେମାନେ ଥେରବାଦୀ ନାମରେ ପରିଚିତ। ହୀନଯାନୀ ଭିକ୍ଷୁଙ୍କୁ ଥେର ଓ ଭିକ୍ଷୁଣୀଙ୍କ ଥେରୀ ବୋଲି କୁହାଯାଏ। ଥେରୀମାନଙ୍କ ଦ୍ୱାରା ଲିଖିତ ଗାଥା ଥେରିଗାଥା ନାମରେ ବୌଦ୍ଧ ସାହିତ୍ୟର ଅମୂଲ୍ୟ କୀର୍ତ୍ତି। ଏସବୁ ହୁଏତ ନାରୀମାନଙ୍କ ଦ୍ୱାରା ଲିଖିତ ପ୍ରଥମ ଅନୁଭବସିଦ୍ଧ ସାହିତ୍ୟ। ଥେରୀଗାଥାରେ ୭୮ ଜଣ ଥେରୀ ଲେଖିଛନ୍ତି। ୧୮ଟି ଗାଥାରେ ଥେରୀ ମାନଙ୍କର ନିଜ ଜୀବନର ଅନୁଭବସିଦ୍ଧ କାହାଣୀ ରହିଛି। ଥେରୀ ଗାଥାରେ ମାତ୍ର ୭୩ ଜଣକର ଲେଖା ଅନୁବନ୍ଧିତ ହୋଇଛି। କିନ୍ତୁ ଆହୁରି ଶତାଧିକ ସଂଖ୍ୟାରେ ମହିଳାମାନଙ୍କ ଦ୍ୱାରା ଲିଖିତ ବୌଦ୍ଧଗାନ ଓ ଦୋହାସବୁ ବିକ୍ଷିପ୍ତ ଭାବରେ ଯତ୍ରତତ୍ର ରହିଛି। ଏସବୁକୁ ସଂଗୃହୀତ କରି ଏକତ୍ର ସଂପାଦନା କରିବାର ପ୍ରଚେଷ୍ଟା ହୋଇ ନାହିଁ। ଏସବୁ ଅନୁଧ୍ୟାନ କଲେ ଜଣାଯାଏ, ଆମ ସାଂପ୍ରତିକ ନାରୀମାନେ ଅଧିକାର ପାଇଁ ମୁକ୍ତି ପାଇଁ ଯେ ସଂଗ୍ରାମ କରିଛନ୍ତି, ସେମାନଙ୍କ ପ୍ରତିଭାର ସଦୁପଯୋଗ ହୋଇଛି ସେ ଭ୍ରମ ଦୂରୀଭୂତ ହୋଇଯାଏ। ଆଜିକୁ ଦୁଇହଜାର ଅଢ଼େଇ ହଜାର ବର୍ଷ ପୂର୍ବେ ନାରୀ ମୁକ୍ତିକାଙ୍କ୍ଷୀ ଥିଲା। ତା'ର ଅଧିକାର ପାଇଁ ଲଢୁଥିଲା। ଲିଙ୍ଗଭେଦ ଭାବ ଉପରେ ପ୍ରଶ୍ନ ଉଠାଇଥିଲ।

ସାଂପ୍ରତିକ ସମାଜ ପରି ସେତେବେଳେ ସୁଦ୍ଧା ସମାଜରେ ନାରୀମାନଙ୍କୁ ପୁରୁଷଙ୍କ ଅପେକ୍ଷା ନ୍ୟୁନ ଭାବରେ ଗଣାଯାଉଥିଲା। ସମାଜରେ ନାରୀ ନିର୍ଯ୍ୟାତନା ଥିଲା, ବିଧବାମାନେ ସାମାଜିକ ନିର୍ଯ୍ୟାତନାରେ ଅତିଷ୍ଠ ହେଉଥିଲେ। ସେଥିପାଇଁ ସେମାନେ ନିର୍ଦ୍ଦିଷ୍ଟ ଆଶ୍ରୟସ୍ଥଳ ଖୋଜୁଥିଲେ। ଯେଉଁଠାରେ ସେମାନେ ମାନସିକ ଶାନ୍ତି ପାଇବେ, ଏଥିପାଇଁ ଅନେକ ଅସହାୟ ମହିଳା ପ୍ରାଥମିକ ସ୍ତରରେ ବୌଦ୍ଧ ସଂଘରେ ଆଶ୍ରୟ ନେଇ ପରବର୍ତ୍ତୀ ପର୍ଯ୍ୟାରେ ଶିକ୍ଷା ଓ ସଂସ୍କାର ପାଉଥିଲେ ଏବଂ ନିଜ ଦକ୍ଷତା ବିକାଶ କରିଥିଲେ। ସୃଜନଶୀଳ କାମରେ ଲିପ୍ତ ରହୁଥିଲେ। ପୂତ ପବିତ୍ର ଜୀବନ ଯାପନ କରି ପରିନିର୍ବାଣ ପାଉଥିଲେ। ୧୮ଟି ଥେରୀ ଗାଥାରେ ବୌଦ୍ଧ









ଭିକ୍ଷୁଣୀ ମାନଙ୍କର ଏହି କାହାଣୀ ପରିଲକ୍ଷିତ ହୁଏ ।

ପ୍ରଥମେ ବୁଦ୍ଧଦେବ ନାରୀମାନଙ୍କୁ ବୌଦ୍ଧ ସଂଘରେ ପ୍ରବେଶ ପାଇଁ ଅନୁମତି ଦେଉ ନଥିଲେ । ବୁଦ୍ଧତ୍ୱ ଲାଭପରେ ସେ ରାଜପ୍ରସାଦକୁ ପ୍ରଥମଥର ପାଇଁ ଆସି ସେ ଶାକ୍ୟବଂଶର ପୁରୁଷମାନଙ୍କୁ ବୌଦ୍ଧ ଧର୍ମରେ ଦୀକ୍ଷିତ କରିଥିଲେ । କିଶୋର ପୁତ୍ର ରାହୁଲ ଏବଂ ଆବାଲ୍ୟ ତାଙ୍କ ସହ ଈର୍ଷ୍ୟା ପ୍ରଣୋଦିତ ହୋଇ ଶତ୍ରୁତା ଆଚରଣ କରୁଥିବା କକାପୁଅ ଭାଇ ଦେବଦତ୍ତ ମଧ୍ୟ ଏଥିରୁ ବାଦ୍ ପଡ଼ି ନଥିଲେ । କିନ୍ତୁ ଯୁଗ ଯୁଗ ଧରି ପ୍ରିୟତମ ଗୌତମଙ୍କୁ ପ୍ରତୀକ୍ଷା କରି ପଡି ରହିଥିବା ଯଶୋଧାରା ସଂଘଭୁକ୍ତ ହେବାର ଅନୁରୋଧକୁ ଏଡାଇ ଦେଇ ସହସା ଫେରି ଯାଇଥିଲେ । ପୁରୁଷଙ୍କ ପରି ନାରୀର ମଧ୍ୟ ଆଧ୍ୟାତ୍ମିକମାର୍ଗର ପଥିକ ହେବାର ଅଧିକାର ଅଛି । ତାକୁ ଏ ଅଧିକାରରୁ କେହି ବଞ୍ଚିତ କରିପାରିବେ ନାହିଁ । ଏହିପରି ଏକ ଦୃଢ଼ ସଂକଳ୍ପରେ ଉପନୀତ ହୋଇ ସେ ପାଞ୍ଚଶହ ଶାକ୍ୟରମଣୀଙ୍କ ସହ ପଦବ୍ରଜରେ ସଂଘାଭିମୁଖୀ ହେଲେ । ସେତେବେଳେ ବୁଦ୍ଧ ବାରଣାସୀରେ ଥିଲେ । ଧୂଳି ଧୂସରିତ ରାସ୍ତାରେ ଲଣ୍ଡିତ ମସ୍ତକ ଗୈରିକ ବସନରେ ଶାକ୍ୟ ରମଣୀଙ୍କୁ ଏହିପରି ବିଦ୍ରୋହିଣୀ ବେଶରେ ଅବଲୋକନ କରି ବୁଦ୍ଧଙ୍କର ପରମଶିଷ୍ୟ ଆନନ୍ଦଙ୍କୁ ଆଉ କିଛି ବୁଝିବାକୁ ବାକି ରହିଲାନାହିଁ । ସେ ସହସା ବୁଦ୍ଧଙ୍କ ପାଖରେ ପହଞ୍ଚି ଶାକ୍ୟରମଣୀ ଓ ସେମାନଙ୍କ ନେତୃତ୍ୱ ନେଉଥିବା ଗୋପାଙ୍କ ସମ୍ବାଦ ଦେଇଥିଲେ । ଏମାନଙ୍କୁ ଏଠାରୁ ଫେରାଇ ଦେଲେ ଅବସ୍ଥା କିପରି ଅସମ୍ଭାଳ ହେବ ତାହା ମଧ୍ୟ ବୁଝାଇ ଦେଇଥିଲେ । ଅଗତ୍ୟା ଅନ୍ୟନ୍ୟୋପାୟ ହୋଇ ବୁଦ୍ଧଦେବ ସ୍ୱଗତୋକ୍ତି କଲେ । ଆନନ୍ଦ ! ଯେଉଁ ସଂଘ ପାଞ୍ଚ ହଜାର ବର୍ଷ ପର୍ଯ୍ୟନ୍ତ ତିଷ୍ଠିବ ବୋଲି ମୁଁ ଆଶା ପୋଷଣ କରିଥିଲି, ତାହା ପାଞ୍ଚ ଶହ ବର୍ଷ ପର୍ଯ୍ୟନ୍ତ ସ୍ଥାୟୀ ହେବ କି ନାହିଁ ସନ୍ଦେହ !

ବୁଦ୍ଧଙ୍କର ଆଶଙ୍କା ସତ୍ୟରେ ପରିଣତ ହୋଇଥିଲା । ପାଞ୍ଚ ହଜାର ବର୍ଷ ବଦଳରେ ମାତ୍ର ପାଞ୍ଚଶହ ବର୍ଷରେ ବୌଦ୍ଧଧର୍ମର ଅବକ୍ଷୟ ପରିଲକ୍ଷିତ ହେଲା । ସୂକ୍ଷ୍ମ ଅନୁଧ୍ୟାନ କଲେ ଏହା ମଧ୍ୟ ସ୍ପଷ୍ଟ ହୋଇ ଉଠେ ଯେ ନାରୀମାନଙ୍କୁ ସଂଘଭୁକ୍ତ କରିବା ମୂଳରେ ଯେଉଁ ପୁରୁଷ ପ୍ରଧାନ ମାନସିକତା ରହିଲା ତାହାହିଁ ଭାରତର ବୌଦ୍ଧ ଧର୍ମର ପତନର କାରଣ ହେଲା ।

ନାରୀମାନଙ୍କୁ ସଂଘଭୁକ୍ତ କରିବା ପୂର୍ବରୁ ବୁଦ୍ଧଦେବ ଆନନ୍ଦଙ୍କ ପାଖରେ ଏକ ସର୍ତ୍ତ ରଖିଥିଲେ । ସର୍ତ୍ତ ଅନୁସାରେ ଯେଉଁମାନେ ସଂଘଭୁକ୍ତ ହେବେ ସେମାନଙ୍କୁ ଅଷ୍ଟଗୁରୁ ଧର୍ମପାଳନ କରିବାପାଇଁ ପଡ଼ିବ । ଏହି ସର୍ତ୍ତରେ ଯଶାଧାରା ମହାପ୍ରଜାପତି ଗୌତମୀଙ୍କ ସହ ପାଞ୍ଚଶହ ନାରୀ ବୌଦ୍ଧଧର୍ମ ଗ୍ରହଣ କରିଥିଲେ । ସେମାନଙ୍କ ମଧ୍ୟରେ ଥିଲେ ବିମ୍ବିସାରଙ୍କର ମହିଷୀ କ୍ଷେମା, ସାରୀପୁତ୍ତଙ୍କର ତିନି ଭଉଣୀ ଚାଳା ଉପଚାଳା ଓ ଶିଶୁ ଉପଚାଳା



ଓ ତାଙ୍କର ଗୃହଦାସୀ କନ୍ୟା ପୂର୍ଣ୍ଣା, ଜଣେ ବ୍ରାହ୍ମଣ କନ୍ୟା ମୁକ୍ତା, ଆମ୍ରପାଲି, ଗଣିକା ଅର୍ଦ୍ଧକାଶୀ, ବିମଳା, ବଣିକ କନ୍ୟା ପଟ୍ଟଚାର ଆଦି ନାରୀମାନେ । ଏମାନେ ସମସ୍ତେ ଥେରୀଗାଥାରେ ଥିବା ଗାଥାମାନଙ୍କର ରଚୟିତା ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ପ୍ରତ୍ୟେକ ସ୍ତରର ମହିଳା ସଂଘରେ ସ୍ଥାନ ପାଇଲେ । ସାଂପ୍ରତିକ କାଳପରି ତତ୍‌କାଳୀନ ସମାଜରେ ମଧ୍ୟ ମହିଳାମାନେ ପତିତା, ଗଣିକା, ଅସହାୟା, ଅରକ୍ଷଣୀୟା, ମହିଳା ଥିଲେ । ଯଶୋଧାରାଙ୍କ ପ୍ରଚେଷ୍ଟାରେ ସେମାନେ ମଧ୍ୟ ନିର୍ଦ୍ଦିଷ୍ଟ ଆଶ୍ରୟ ପାଇଗଲେ । ତା'ପରେ ସେମାନେ ଶୁଦ୍ଧପୁତ ଜୀବନ ବଞ୍ଚିବା ପାଇଁ ଅବସର ପାଇଲେ । ନିର୍ବାଣ କାମୀ ହେଲେ । ବୁଦ୍ଧ ଏହି ମହିଳାମାନଙ୍କୁ ସଂଘଭୁକ୍ତ କରିବାପାଇଁ ଆଠଟି ସର୍ତ୍ତ ରଖିଥିଲେ । ଏହାକୁ ଅଷ୍ଟଗୁରୁ ଧର୍ମ ବୋଲି କୁହାଯାଏ । ଏହି ସର୍ତ୍ତମାନଙ୍କ ଭିତରେ ଥିଲା ଯେଉଁମାନେ ଉପସଂପଦା (ଦୀକ୍ଷା) ଗ୍ରହଣ କରିବେ ସେମାନେ ଯେଉଁ ବୟସର ହୋଇଥାଆନ୍ତୁ ନା କାହିଁକି ସବୁ ବୟସର ଭିକ୍ଷୁ ବା ଶ୍ରମଣମାନଙ୍କୁ ଦେଖିଲେ ପ୍ରଥମେ ପ୍ରଣାମ କରିବେ । କୌଣସି ସ୍ଥାନରେ ଥେରୀମାନେ ଏକୁଟିଆ ରହିପାରିବେ ନାହିଁ । ସେମାନଙ୍କ ସୁରକ୍ଷାପାଇଁ ଜଣେ ଥେର ରହିବା ଆବଶ୍ୟକ । ପ୍ରତି ମାସରେ ଦୁଇଥର ଥେରୀମାନେ ଥେରମାନଙ୍କ ଉପଦେଶ ଗ୍ରହଣ କରିବେ । ମହିଳାଟିଏ କୌଣସି ଶ୍ରମଣଙ୍କ ପାଖରୁ ଉପସମ୍ପଦା ପାଇବା ପୂର୍ବରୁ ପ୍ରଥମେ ଭିକ୍ଷୁମଣ୍ଡଳୀଙ୍କ କେତୋଟି ପ୍ରଶ୍ନର ଉତ୍ତର ଦେବାପାଇଁ ପଡ଼ିବ । ଭିକ୍ଷୁମାନେ ଅନୁମୋଦନ କଲେ ଭିକ୍ଷୁଣୀ ଉପସଂପଦା ଗ୍ରହଣ କରିପାରିବେ । କୌଣସି ଭିକ୍ଷୁଣୀ ଯଦି ଅପରାଧ କରନ୍ତି ତେବେ ଭିକ୍ଷୁ ଭିକ୍ଷୁଣୀ ଉଭୟ ସଂଘ ବସି ବିଚାର କରିବେ ଓ ତା'ର ପ୍ରାୟଶ୍ଚିତ ବିଧାନ କରିବେ । ନାରୀଟିଏ ସଂଘଭୁକ୍ତା ହୋଇ ଉପସମ୍ପଦା ଗ୍ରହଣ କରିବାପାଇଁ ପ୍ରଥମେ କୌଣସି ଶ୍ରମଣଙ୍କ ପରାମର୍ଶରେ ଦୁଇବର୍ଷ ଗ୍ରାହସ୍ଥ୍ୟ ଜୀବନ ଅତିବାହିତ କରିବାକୁ ହେବ । ତା'ପରେ ସେ ଯଦି ଫେରିଆସେ ତେବେ ସେ ଭିକ୍ଷୁଣୀ ହୋଇପାରିବ । ଭିକ୍ଷୁ ଭିକ୍ଷୁଣୀ ପରସ୍ପର ମଧ୍ୟରେ ଈର୍ଷା ବାଦ କଟୁ ସମାଲୋଚନା କରିପାରିବେ ନାହିଁ । ଶେଷ ସର୍ତ୍ତଟି ହେଲା ଉପସଂପଦା ନେଲାପରେ ବିକ୍ଷୁଣୀମାନେ ଭିକ୍ଷୁ ସହ ବାର୍ତ୍ତାଳାପ ତାଙ୍କ ପକ୍ଷରୁ କରିବେ ନାହିଁ । ଆବଶ୍ୟକ ପଡ଼ିଲେ ଭିକ୍ଷୁମାନେ ଭିକ୍ଷୁଣୀମାନଙ୍କ ସହ କଥାବାର୍ତ୍ତା ବା ଉପଦେଶ ଦେଇପାରିବେ । ପ୍ରାଥମିକ ପର୍ଯ୍ୟାୟରେ ଏହି ଅଷ୍ଟ ଗୁରୁ ଧର୍ମକୁ ସମସ୍ତେ ସମ୍ମାନ ଦେଉଥିଲେ । କିନ୍ତୁ ପର ପର୍ଯ୍ୟାୟରେ ଏହି ଅଷ୍ଟଗୁରୁ ଧର୍ମ ହିଁ ସଂଘ ଅବକ୍ଷୟର କାରଣ ହେଲା ।

ସଂଘ ଭିତରେ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ ବ୍ୟଭିଚାର ରୋକିବା ପାଇଁ ବୁଦ୍ଧ ଦେବ ଅଷ୍ଟଗୁରୁ ଧର୍ମ ପ୍ରବର୍ତ୍ତନ କରିଥିଲେ । କିନ୍ତୁ ସମ୍ଭବତଃ ଏହି ଅଷ୍ଟଗୁରୁ ଧର୍ମରେ ଥେରି ବା ଭିକ୍ଷୁଣୀମାନଙ୍କୁ ଭିକ୍ଷୁମାନଙ୍କ ପାଇଁ ଯେଉଁ ଅନୁଶାସନରେ ଅନୁବନ୍ଧିତ କରାଗଲା ତାହାହିଁ ସଂଘ ପତନର କାରଣ ହେଲା । ଯେଉଁ ଅଧିକାର ଦାବୀରେ ଯଶୋଧାରା ଓ ଗୌତମୀ ଶାକ୍ୟ ନାରୀମାନଙ୍କୁ ଏକତ୍ରିତ କରି ଆସିଥିଲେ ସେ ଅଧିକାର ବୁଦ୍ଧଦେବ ତାଙ୍କୁ ପ୍ରଦାନ କଲେ ସତ କିନ୍ତୁ ସଂପୂର୍ଣ୍ଣ ସ୍ୱାଧୀନତା ଦେଲେ ନାହିଁ । ଅଷ୍ଟଗୁରୁ ଧର୍ମ ଭିତରେ ପୁରୁଷ ଭିକ୍ଷୁମାନଙ୍କର ପ୍ରାଧାନ୍ୟ ରହିଲା । ଭିକ୍ଷୁଣୀମାନେ ସେମାନଙ୍କ ବିଚାର ଓ ଅନୁଶାସନରେ ରହିଲେ । ଫଳରେ ଭିକ୍ଷୁଣୀ ବା ଥେରୀମାନେ ନିଜକୁ ଥେରମାନଙ୍କ ପାଖରେ ନ୍ୟୁନ ଦୁର୍ବଳ ବୋଲି

ଥେରୀ ଗାଥା

ଭାବିଲେ। ସକଳ ସୃଜନଶୀଳତା ସତ୍ତ୍ୱେ ବ୍ୟଭିଚ୍ଛର ରୋକାଯାଇ ପାରିଲା ନାହିଁ। ଫଳରେ ବିଦ୍ରୋହ ବିଶୃଙ୍ଖଳା ହେଲା। ସଂଘ ଖଣ୍ଡ ବିଖଣ୍ଡିତ ହେଲା। ଧର୍ମମତରେ ବିଭେଦ ଦେଖାଗଲା। ତନ୍ତ୍ରଯାନ ଆସର ହବୁବିଦ୍ୟଶ ମାଧମରେ ବୌଦ୍ଧଧର୍ମକୁ ବିଶ୍ୱାସଭାଜନ କରିବାପାଇଁ ବୌଦ୍ଧାଚାର୍ଯ୍ୟମାନେ ରହିଁଲେ। ଏସବୁ କେବଳ ବୌଦ୍ଧଧର୍ମର ଅବକ୍ଷୟଶୀଳତାକୁ ସୂଚାଇ ଦେଲା। ବୁଦ୍ଧ ଦେବଙ୍କର ବାକ୍ୟ ଅନଥ୍ୟା ହେଲାନାହିଁ। ବୁଦ୍ଧଙ୍କ ପରିନିର୍ବାଣର ୫୦୦ ବର୍ଷ ପରେ ଭାରତରୁ ବୌଦ୍ଧ ଧର୍ମ ଅବକ୍ଷୟ ହୋଇ ଚୀନ୍, ଜାପାନ୍, କୋରିଆ, ତିବ୍ଦତ, ମଙ୍ଗୋଲିଆ ଆଦି ଅଞ୍ଚଳରେ ବିସ୍ତାର ଲାଭ କଲା।

ଆଜିକୁ ଅଢ଼େଇ ହଜାର ବର୍ଷ ପୂର୍ବେ ଭାରତର ନାରୀମାନେ ନିଜର ଅଧିକାର ସଂପର୍କରେ ସଚେତନ ଥିଲେ ଓ ସେମାନଙ୍କ ଭିତରେ ଚମତ୍କାର ସୃଜନଶୀଳତା ଥିଲା। ବୌଦ୍ଧ ଧର୍ମ ଦର୍ଶନ ଆଲୋଚନା କଲାବେଳେ ପ୍ରାୟତଃ ଏ ପ୍ରସଙ୍ଗଟିକୁ ଏଡ଼େଇ ଦିଆଯାଇଥାଏ। ସମଗ୍ର ବିଶ୍ୱରେ ଆଧୁନିକ ଯୁଗରେ ଯେଉଁ ନାରୀସ୍ୱର ଉପରେ ପ୍ରାଧାନ୍ୟ ଦିଆଯାଉଛି ତାହା ଯେ ହଜାର ହଜାର ବର୍ଷ ପୂର୍ବରୁ ଏଇ ମାଟିରେ ସମ୍ଭବ ଥିଲା, ତାହା ଆମପାଇଁ ନିଶ୍ଚୟ ଏକ ବଡ଼ ଉପଲବ୍ଧି। ଥେରୀଗାଥା ସାରସ୍ୱତ କୃତି ପ୍ରାଦେଶିକ ଭାଷାମାନଙ୍କରେ ଅନୁଦିତ ହେଲେ ସେହି ଥେରୀମାନଙ୍କ ପ୍ରତି ଯଥାର୍ଥ ମର୍ଯ୍ୟାଦା ବୋଧ ହେବ।

**୨୧୩ ସି-ବ୍ଲକ୍, ଏମେରାଲ୍ଡ ଆପାର୍ଟମେଣ୍ଟ,**
**ଲକ୍ଷ୍ମୀସାଗର, ଭୁବନେଶ୍ୱର-୭୫୧୦୦୬**
**ମୋ- ୯୪୩୭୦୩୩୦୭୪**
E-mail:basantimohanty12@gmail.com



# ମନକୁ ଆସିଲା ଯାହା ୭୫

# ତୁମେ ଡାଳେ ଡାଳେ ଗଲେ...

**ସୌମ୍ୟଶ୍ରୀ ପାଣିଗ୍ରାହୀ**



ନୀଟ୍ ପରୀକ୍ଷା ଉପାଖ୍ୟାନକୁ ନେଇ କାଲି ଜଣେ ଭଦ୍ରବ୍ୟକ୍ତି କହିଲେ, 'ତୁମେ ଡାଳେ ଡାଳେ ଗଲେ, ଆମେ ପତ୍ରେ ପତ୍ରେ ଯିବା ଲୋକ...ତୁମେ କଣ ଆମକୁ ଧରିବ... ? କଥାଟା ସତରେ ମନକୁ ଛୁଇଁଗଲା। ଗତମାସର ନୀଟ୍ ପରୀକ୍ଷାକୁ ନେଇ ଏତେ ତୁମ୍ଭି ତୋଫାନ ହେଲା, ପୂରା ପରୀକ୍ଷା ପ୍ରକ୍ରିୟା ରଦ୍ଦ ହେଲା। ୨୩ ଲକ୍ଷ ପିଲା ଆଉଥରେ ଫର୍ମ ଭରିଲେ, ଅବଶ୍ୟ ଆଉଥରେ ପଇସା ଦେବାକୁ ପଡିଲାନି। ସାରାଦେଶରୁ କେଇଜଣ ପିଲା ନୈରାଶ୍ୟରେ ଆତ୍ମହତ୍ୟା କରିବାର ଖବର ମିଳିଲା। ପଇସା ଫେରେଇବାପାଇଁ ବ୍ୟାଙ୍କ ଏକାଉଣ୍ଟ ସହ ଆଧାର କାର୍ଡ଼ର ବିବରଣୀ ଦେବାକୁ ପଡୁଥିବାରୁ, ବ୍ୟକ୍ତିଗତ ତଥ୍ୟ ପଦାରେ ପଡିଲା। ସରକାରଙ୍କ ତରଫରୁ ମାଗଣା ବସ ସେବା ଯୋଗେଇ ଦିଆଗଲା। ମାନ୍ୟବର ପ୍ରଧାନମନ୍ତ୍ରୀ ବି ଦିଲ୍ଲୀ ବିମାନ ବନ୍ଦରରେ ୪୫ ମିନିଟ ବସିରହି ଅପେକ୍ଷା କରିବାର ସମ୍ବାଦ ପରିବେଷଣ ହେଲା। ଅଭୂତପୂର୍ବ ସୁରକ୍ଷା ବ୍ୟବସ୍ଥା ଭିତରେ ଆଉଥରେ ଗଲା ରବିବାରଦିନ ସେଇ ନୀଟ୍ ପରୀକ୍ଷା ଆୟୋଜିତ ହେଲା। ଏଥରର ପୁନଃପରୀକ୍ଷା ବି' ବିବାଦରୁ ମୁକ୍ତ ରହିପାରିଲାନି। ୨୩ ଲକ୍ଷ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ଟେଲିଗ୍ରାମ ବ୍ୟବହାର କରୁଥିବେ ପ୍ରାୟ ୧୦ ଲକ୍ଷ। କିନ୍ତୁ ସରକାରୀ ଆଦେଶରେ ସାରା ଦେଶରେ ୧୫ କୋଟିରୁ ଅଧିକ ଲୋକଙ୍କର ଟେଲିଗ୍ରାମ ବନ୍ଦ କରିଦିଆଗଲା ସପ୍ତାହେ କାଳ। ବିବାଦ ଯାଇ କୋର୍ଟରେ ପହଞ୍ଚିଲା। ସପକ୍ଷ ଓ ବିପକ୍ଷ ଉଭୟ ଦଲିଲ ତର୍ଜମା କରି ନ୍ୟାୟାଳୟ ସରକାରୀ ଆଦେଶକୁ ଠିକ ବତେଇଲେ। କିନ୍ତୁ ଏଥିରେ କଣ ନୀଟ୍ ପରୀକ୍ଷାର ସ୍ୱଚ୍ଛତା ଆସିଗଲା କି... ? ବରଂ ନୂଆ ତରିକାମାନ ଖୋଜିନେଲେ, ଅପରାଧୀମାନେ। ନୀଟ୍ ପରୀକ୍ଷାର ଚୋରା ପ୍ରଶ୍ନପତ୍ରର ଚାହିଦା ଆହୁରି ବଢିଗଲା। ଅସାମାଜିକ ତତ୍ତ୍ୱ ମାନେ ଟେଲିଗ୍ରାମକୁ ଛାଡି ହ୍ୱାଟସଆପ୍/ଇନଷ୍ଟାଗ୍ରାମ୍‌ରେ ନକଲି ପ୍ରଶ୍ନପତ୍ର ପଠେଇବାରେ ଲାଗିଲେ ଓ ସଂଗଠିତ ଭାବେ ପଇସା କାରବାର ବି କରାଗଲା। ଅବଶ୍ୟ ପରୀକ୍ଷା ପରେ ଜଣାପଡିଲା ଯେ, ସେ ସବୁ ଅସଲି ପ୍ରଶ୍ନପତ୍ର ନଥିଲା। ମାତ୍ର ସେଗୁଡିକୁ ମଧ୍ୟ କିଣିବା ପାଇଁ ଲୋକଙ୍କ ଭିତରେ ଛକାପଞ୍ଝା ଲାଗିଲା। ଯିଏ ଯାହା ପାରିଲା, ପ୍ରଶ୍ନପତ୍ର ନାଁ ରେ ବିକ୍ରି କରିବାର ଖବର ସାମ୍ନାକୁ ଆସିଲା। ସତରେ ଆମ ଲୋକଙ୍କର ଦୁର୍ବୁଦ୍ଧିକୁ ମାନିବାକୁ ପଡିବ। ଏଇଥିରେ ସେମାନେ ଓସ୍ତାଦ।

ବିଭିନ୍ନ ଜାଗାରୁ ଖବର ଆସିଲା, ସାମାନ୍ୟ ବିଳମ୍ବରେ ପହଞ୍ଚିବାରୁ ପରୀକ୍ଷାକେନ୍ଦ୍ରରେ ପ୍ରବେଶ କରେଇ ଦିଆଗଲା ନାହିଁ। ମଧ୍ୟପ୍ରଦେଶ ବିଦିଶାରେ ୫୦ କିମି ଦୂରରୁ ଆସି ଝିଅଟିଏ ଠିକ ସମୟରେ ପହଞ୍ଚିପାରିଲାନି ବୋଲି କେତେ କନ୍ଦାକଟା କଲା। ପୁଣି ତେଲେଙ୍ଗାନାରେ ୨ ମିନିଟ୍ ଡେରୀରେ ପହଞ୍ଚିଥିବା ଝିଅଟି ଗେଟ ପାଖରୁ ଭିତରକୁ ଯାଇ ନପାରିବାରୁ ତା'ର ମା ସୁରକ୍ଷାକର୍ମୀଙ୍କ ଗୋଡତଳେ ପଡି ନେହୁରା ହେଉଥିବାର ଭିଡିଓ ବି ଖୁବ ଭାଇରାଲ ହେଲା। କର୍ଣ୍ଣାଟକର ବାଙ୍ଗାଲୋରରେ ୨ ଜଣ ପରୀକ୍ଷାର୍ଥୀ ଡେରିରେ ପହଞ୍ଚିଲେ ଏବଂ ପ୍ରବେଶ ନକରିପାରିବାରୁ କଂଗ୍ରେସର ରାଲିକୁ ଦାୟୀ କଲେ। ମାତ୍ର ପୁଲିସ ପକ୍ଷରୁ ଯାଞ୍ଚରୁ ଜଣାପଡିଲା ଯେ ସେମାନେ କଂଗ୍ରେସର ରାଲି ଥିବା ରାସ୍ତାରେ ଆସିନଥିଲେ ଏବଂ ପରୀକ୍ଷାକେନ୍ଦ୍ର ଠାରୁ ଅଳ୍ପଦୂରରେ ଘର ହୋଇଥିବାରୁ ୧୨.୫୭ ରେ ଘରୁ ବାହାରିଥିଲେ। ଯଦିଓ ପ୍ରବେଶର ସମୟ ଥିଲା ୧.୩୦, କିନ୍ତୁ ପ୍ରବେଶ ପ୍ରକ୍ରିୟା ତ' ୧୧ଟାରୁ ଆରମ୍ଭ ହୋଇସାରିଥିଲା, ସେମାନେ ଯଥେଷ୍ଟ ସମୟ ପୂର୍ବରୁ ନଆସି ଶେଷ ସମୟକୁ କାହିଁକି ଅପେକ୍ଷା କରିଥିଲେ... ? ମୁଁ ବି ଏଥର ଗୋଟେ ପରୀକ୍ଷାକେନ୍ଦ୍ରରେ ସକାଳ ୮ଟାରୁ ଦାୟିତ୍ୱରେ ଥିଲି। ଝିଅଟିଏ ଆସିଥିଲା ଯେ, ହାତରୁ ମୁଦି ଖୋଲି ନଥିବାରୁ ମେଟାଲ ଡିଟେକ୍ଟର ଶବ୍ଦ କଲା। ପୋଲିସ କର୍ମୀମାନେ ଛାଡ଼ିବାକୁ ନାରାଜ। ମୁଁ ଯାଇ ପହଂଚି ଦେଖିଲି, ବିଳେଇ ଆମ୍ପୁଡିଛି ବୋଲି ହାତ ଫୁଲିଛି ସାଙ୍ଘାତିକ, ତେଣୁ ମୁଦି ଖୋଲି ହେଉନି। ତୁରନ୍ତ ଡାକ୍ତର ଡାକି ପୁଣି ଯାଞ୍ଚ କରେଇଲି ଆଉ ଏକ ସ୍ୱତନ୍ତ୍ର ମାମଲା ରୂପେ ପରୀକ୍ଷାକେନ୍ଦ୍ରକୁ ପ୍ରବେଶ କରେଇଲି।

ଗତଥର ପରି ଏଥର ମଧ୍ୟ ସୁରକ୍ଷା ଜାଞ୍ଚ ପ୍ରକ୍ରିୟାକୁ କଡ଼ାକଡ଼ି ପାଳନ କରାଯାଉଥିଲା। ୨ ଥର ମେଟାଲ ଡିଟେକ୍ଟରରେ ଚେକିଂ ଓ ପୁଙ୍ଖାନୁପୁଙ୍ଖ ତନଖି ପରେ ପୁଣି ବାୟୋମେଟ୍ରିକ ସୁରକ୍ଷା ଯାଞ୍ଚ। ଏବଂ ଏସବୁ ସରିଲା ପରେ ଫଟୋ ଓ ସ୍ୱାକ୍ଷରର ମ୍ୟାଚିଂ କରାଯାଉଥିଲା। ତେଣୁ ଜଣ ପିଛା ୫-୧୦ ମିନିଟ ଲାଗିବା ସ୍ୱାଭାବିକ। ଏସବୁ ପାଇଁ ତ' ପ୍ରବେଶ ସମୟ ୩ ଘଣ୍ଟା ପୂର୍ବରୁ ଆରମ୍ଭ ହେବ ବୋଲି ଜଣେଇ ଦିଆଯାଇଥିଲା। ଜଣେ ଛାତ୍ର ପୁଣି ପରୀକ୍ଷାର୍ଥୀ ଯଦି ଏବେଠୁଁ ସମୟାନୁବର୍ତ୍ତୀ ହୋଇପାରୁନାହିଁ ତେବେ ସେ ଜୀବନରେ ଶୃଙ୍ଖଳାର ମୂଲ୍ୟ କେବେ ଆଉ ବୁଝିବ.. ? ? ଆହୁରି ଏକ ଖବର ଆସିଛି ହାଇଦ୍ରାବାଦରୁ। ଜଣେ ପରୀକ୍ଷାର୍ଥୀ ପରୀକ୍ଷାର ୨ ଦିନ ପୂର୍ବରୁ ପରୀକ୍ଷାକେନ୍ଦ୍ର ଶୌଚାଳୟର ଭେଣ୍ଟିଲେଟରରେ ଲୁଚେଇରଖିଥିଲେ ମୋବାଇଲ। ପରୀକ୍ଷା ମଝିରେ ଯାଇ ବାଥରୁମରେ ଗୁଗୁଲ ସର୍ଚ୍ଚ ମାଧ୍ୟମରେ ଉତ୍ତର ଖୋଜୁଥିବା ବେଳେ ପୁଲିସ ହାତରେ ଧରାପଡିଛନ୍ତି। ଆଉ ଜଣେ ଛାତ୍ରୀ ନିଜ ଅନ୍ତଃବସ୍ତ୍ରରେ ଲୁଚେଇ ମୋବାଇଲ ନେଇଯାଇଥିଲେ। କିନ୍ତୁ ଧରାପଡିଲା ପରେ ଯୁକ୍ତି କଲେ ଯେ ସେ କେବଳ ଏଆଇ (କୃତ୍ରିମ ବୁଦ୍ଧିମତା) ମାଧ୍ୟମରେ ଉତ୍ତରଗୁଡିକୁ ଖୋଜୁଥିଲେ। ଉଭୟ ମାମଲାରେ ଗିରଫ ହୋଇ ମୋବାଇଲ ଜବତ ହୋଇଛି। କିନ୍ତୁ ମୁଁ ବୁଝିପାରୁନି, ଯଦି ପରୀକ୍ଷା କେନ୍ଦ୍ରରେ ମୋବାଇଲ ଜାମର ଲାଗିଥିଲା, ସେମାନେ ଇଣ୍ଟରନେଟ କିପରି ବ୍ୟବହାର କରୁଥିଲେ। ମୁଁ ନିଜେ ସେ ଦିନସାରା ମୋବାଇଲ ଫୋନ ବ୍ୟବହାର କରିପାରିନାହିଁ।

ଏଠି ପରୀକ୍ଷାର ସ୍ୱଚ୍ଛତା କଥା ଉଠିଛି ମାନେ ବିହାରର କଥା ନକହିଲେ କାହାଣୀ ଅଧୁରା ରହିଯିବ। ଦିନଥିଲା, ସେଠି 'ସଲ୍ଭର ଗ୍ୟାଙ୍ଗ' ଖୁବ ସକ୍ରିୟ ଥିଲେ। କଲେବଳେ କୌଶଳେ ବିଭିନ୍ନ ପରୀକ୍ଷାରେ ବେଆଇନ କାର୍ଯ୍ୟ କରାଉଥିଲେ। ପରୀକ୍ଷା ଆବେଦନ ଠାରୁ ଲାଗିଯାଉଥିଲେ କାମରେ। ଅକ୍ଷର ମିଳେଇ ଉତ୍ତର ଲେଖିବା ଅଭ୍ୟାସ କରିବାଠାରୁ ଫଟୋ ସହ ମେଳ ଖୁଏଇ ଚେହେରା ସଜାଡିବା ପର୍ଯ୍ୟନ୍ତ, ସବୁ କିଛି କରୁଥିଲେ ଏ ଅସାମାଜିକ ତତ୍ତ୍ୱମାନେ। ଏବେ କିନ୍ତୁ ଯୁଗ ବଦଳିଛି, ଟେକ୍ନୋଲୋଜୀ ବି ନୂଆ ଆସିଛି। ପୁଣି ପରୀକ୍ଷାର ଚାହିଦା ହିସାବରେ ମୂଲ୍ୟ ବି ବଢିଛି। ପୁରୁଣାକାଳିଆ ତରିକା ଆଉ ଚଳିବ ନାହିଁ, ଏଣୁ ସିଧା ହାତ ମିଳେଇଛନ୍ତି ବାୟୋମେଟ୍ରିକ ସୁରକ୍ଷା ସୁନିଶ୍ଚିତ କରୁଥିବା ସଂସ୍ଥା ସହ। ଆଗରୁ ଠିକଣା ହେଇଥିବା ପିଲାଙ୍କ ପାଇଁ ବିହାରର ଲକ୍ଷୀସରାଇ ଠାରେ ପରୀକ୍ଷା ଦେଉଥିବା ଅନ୍ୟ ୯ ଜଣ ନକଲି ପରୀକ୍ଷାର୍ଥୀ ଧରାପଡିଛନ୍ତି। ସାଥିରେ ବି ଗିରଫ ହୋଇଛନ୍ତି ବାୟୋମେଟ୍ରିକ ସଂସ୍ଥାର ୨୧ ଜଣ। ସିଟ୍ ପିଛା ୬୦ ଲକ୍ଷ ଦର ସ୍ଥିର ହୋଇଥିବା ବେଳେ ଏହି ନକଲି ପରୀକ୍ଷାର୍ଥୀମାନେ ପାଇଥାନ୍ତେ ଜଣ ପିଛା ୩୫ ଲକ୍ଷ। ଆଶ୍ଚର୍ଯ୍ୟ କଥା , ଏମାନେ ସମସ୍ତେ ଦେଶର ପ୍ରତିଷ୍ଠିତ ମେଡିକାଲ କଲେଜରେ ବର୍ତ୍ତମାନ ପଢୁଥିବା ଡାକ୍ତରୀ ଛାତ୍ର। ନିଜର ଲୋଭ ପାଇଁ ଏବେ ଗିରଫ ହୋଇ ଜେଲରେ। ଏତେ ଅଳ୍ପ ବୟସରୁ ଡାକ୍ତରୀ ପଢୁଥିବା, ପୁଅଝିଅ ମାନେ ଏସବୁ କରୁଛନ୍ତି କାହିଁକି... ?

ଏଇଠି ମନକୁ ଆସୁଛି ଭାରତରେ ପରୀକ୍ଷା ବ୍ୟବସ୍ଥାରେ ଜାଲିଆତିକୁ ନେଇ ତିଆରି ହୋଇଥିବା କିଛି ଚଳଚ୍ଚିତ୍ରର କାହାଣୀ। ୨୦୧୯ରେ ଆସିଥିଲା ଚଳଚ୍ଚିତ୍ର 'ହ୍ୱାଏ ଚିଟ୍ ଇଣ୍ଡିଆ.. ?'। ଏଥିରେ ଖୁବ ବାସ୍ତବଧର୍ମୀ ଭାବରେ ନକଲି ଡିଗ୍ରୀର ସଂଗଠିତ ବ୍ୟବସାୟ ଓ ସ୍ୱଚ୍ଛପରୀକ୍ଷା ପ୍ରଣାଳୀକୁ କବ୍ଜା କରିନେଇଥିବା ମାଫିଆ ମାନଙ୍କର ଅଭେଦ୍ୟ ତନ୍ତ୍ରକୁ ଖୁବ ନିଖୁଣଭାବେ ଦର୍ଶେଇଛନ୍ତି ଅଭିନେତା ଇମ୍ରାନ ହାସମୀ। ପୁଣି ସେଇବର୍ଷ ଆସିଥିଲା ଚଳଚ୍ଚିତ୍ର 'ସେଟର୍ସ', ଯେଉଁଥିରେ ଅଭିନେତା ଅଫତାବ ଶିବଦାସାନୀ, ପୋଲିସ ହୋଇ ଚେର ଖୋଜିବାରେ ଲାଗିଛନ୍ତି ପରୀକ୍ଷା ପ୍ରଶ୍ନପତ୍ର ଲିକ ଗ୍ୟାଙ୍ଗର ମାଷ୍ଟର ମାଇଣ୍ଡ, ଶ୍ରେୟସ ତଲପଡେ ଓ ସାରାଦେଶରେ ଖେଳିରହିଥିବା ସେମାନଙ୍କ କଳାସାମ୍ରାଜ୍ୟର। ୨୦୨୧ରେ ଆସିଥିଲା 'ହ୍ୱିସଲବ୍ଲୋଅର' ନାମକ ୱେବସିରିଜ, ଯେଉଁଥିରେ ମେଡିକାଲ ପ୍ରବେଶିକା ପରୀକ୍ଷା ଓ ଅନ୍ୟାନ୍ୟ ନିଯୁକ୍ତି ପ୍ରକ୍ରିୟାରେ ଚାଲିଆସୁଥିବା ଗଡ଼ବଡ଼ିକୁ ଖୁବ ତଥ୍ୟସମ୍ମତ ଭାବେ ଦେଖେଇଛନ୍ତି ନିର୍ମାତା। ପୁଣି ଗତବର୍ଷ ଆସିଥିଲା ନେଟଫ୍ଲିକ୍ସ ରେ 'ପେପର ଲିକ' ନାମକ ୱେବସିରିଜ, ଯେଉଁଥିରେ ରାଜସ୍ଥାନ ଓ ଉତ୍ତରଭାରତରେ ଲୋକସେବା ପରୀକ୍ଷା ଏବଂ ଆରକ୍ଷୀ ନିଯୁକ୍ତିରେ ଅନିୟମିତତାକୁ ଉଜାଗର କରିଥିଲେ ନିର୍ଦ୍ଦେଶକ। ଏବେ ପୁଣି ଆସିଛି ସେଇ ସମାନ କାହାଣୀର ଅନ୍ୟ କିଛି ଭିନ୍ନ ଦିଗକୁ ନେଇ ଚଳଚ୍ଚିତ୍ର 'ଏଗଜାମ'। ଏସବୁ କ'ଣ ନିରୁତା ମନୋରଞ୍ଜନର ଖୋରାକ କି ? ବରଂ ଏସବୁ ଆମ ବ୍ୟବସ୍ଥାର ବିକଳ ଚିତ୍ରର ପରିଭାଷା ମାତ୍ର।

ବେଳେବେଳେ ଜୀବନର ସତକାହାଣୀ ବି' ଚଳଚ୍ଚିତ୍ର ଠୁଁ ବଳିଯାଏ। ଯେମିତି ଏଇ ନୀଟ୍ ପ୍ରବେଶିକା ପରୀକ୍ଷାରେ ପଶ୍ଚିମବଙ୍ଗର ଢାକୁରିଆ ସ୍ଥିତ ବିନୋଦିନୀ ବାଳିକା ଉଚ୍ଚ ବିଦ୍ୟାଳୟରେ ପରୀକ୍ଷା ଦେଇଥିବା ସୃଷ୍ଟି ଦୁବେଙ୍କର କାହାଣୀ। ଏକ ଭୟଙ୍କର ଦୁର୍ଘଟଣାରେ ୯ ଟି ପଞ୍ଜରାହାଡ ଭାଙ୍ଗିଛି, ଫୁସଫୁସ ସଂକ୍ରମଣ ଯୋଗୁଁ ନିଶ୍ୱାସ ନେଇପାରୁନାହାନ୍ତି, କିନ୍ତୁ ପିତାଙ୍କ ଅନୁରୋଧ ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ହସ୍ତକ୍ଷେପ ପରେ ସେ ଭେଣ୍ଟିଲେଟରରେ ଥାଇ ମଧ୍ୟ ସ୍ୱତନ୍ତ୍ର ଭାବେ ପରୀକ୍ଷାରେ ବସିଲେ। ଏଭଳି ସାହସୀ ଓ ଉତ୍ସାହୀ ପରୀକ୍ଷାର୍ଥୀଙ୍କ ଆଗରେ ଆମ ଜୀବନର ସଂଘର୍ଷ ବି ବେଳେବେଳେ ଛୋଟ ଲାଗେ। ଏଥରର ନୀଟ୍ ପରୀକ୍ଷାର ବିବାଦ ଆରମ୍ଭ ହୋଇଥିଲା ନାଗପୁରର ଛାତ୍ରକୁ ଆବୁଧାବୀରେ ମିଳିଥିବା ପରୀକ୍ଷା କେନ୍ଦ୍ରକୁ ନେଇ। ପୁଣି କଟକର ଜଣେ ଛାତ୍ର ପାଇଥିଲେ ଡେରାଡୁନରେ ପରୀକ୍ଷାକେନ୍ଦ୍ର। ଏ ଉଭୟ ମାମଲାରେ ଜାତୀୟ ପରୀକ୍ଷା ଏଜେନ୍ସୀ ସ୍ପଷ୍ଟ କରିଛି ଯେ, ସେମାନେ ନିଜେ ହିଁ ଆବେଦନ କରିଥିଲେ ସେହି ନିର୍ଦ୍ଦିଷ୍ଟ ପରୀକ୍ଷାକେନ୍ଦ୍ର। ସେମାନଙ୍କ ଇଚ୍ଛାନୁସାରେ ହିଁ ଆବଣ୍ଟିତ ହୋଇଥିଲା ସେମାନଙ୍କୁ ପରୀକ୍ଷାକେନ୍ଦ୍ର। ଆବୁଧାବି ପରୀକ୍ଷାର୍ଥୀଙ୍କର ତ' ପାସପୋର୍ଟ ହିଁ ନାହିଁ। କେବଳ ଚର୍ଚ୍ଚରେ ରହିବା ପାଇଁ ଏହା ତାଙ୍କର ପ୍ରୟାସ ନଥିଲା ତ'... ?

କିନ୍ତୁ ମୋର ଛୋଟିଆ ମୁଣ୍ଡରେ ଗୋଟେ ଛୋଟ ସନ୍ଦେହ। ସଂଘ ଲୋକସେବା ଆୟୋଗ ତ' ବର୍ଷଯାକ ପରୀକ୍ଷା ଆୟୋଜନ କରୁଛି। କାହିଁ ସେଥିରେ ତ' ଏତେ ବିବାଦ ହେଉନି। ୟୁଜିସି ଓ ଏସଏସବି କିମ୍ବା ଅନ୍ୟ ଏଜେନ୍ସୀ (ସଂସ୍ଥା) ଦ୍ୱାରା ଆୟୋଜିତ ପରୀକ୍ଷାରେ ଏତେବେଶୀ ଅନିୟମିତତା ଦେଖାଯାଉନି। ସେଥିରେ ତ, ଭୁଲ ପରୀକ୍ଷାକେନ୍ଦ୍ର ଆବଣ୍ଟିତ ହେଲେ, କି ବିଳମ୍ବରେ ଆସି ପହଁଚିଲେ କେହିବି ବି ହୋ ହାଲ୍ଲା କରୁନାହାନ୍ତି। ମୋର ତ' ସନ୍ଦେହ ହେଉଛି, କାହିଁ ଏଥିପାଇଁ ଏନ୍‌ଟିଏ ବା ଜାତୀୟ ପରୀକ୍ଷା ସଂସ୍ଥାନର ବ୍ୟବସ୍ଥାରେ କିଛି ତ୍ରୁଟି ରହିଯାଇନି ତ'... ? ନହେଲେ ଏମାନେ ଡାଳେଡାଳେ ଗଲେ, ପରୀକ୍ଷାର୍ଥୀ ମାନେ ପତ୍ରେପତ୍ରେ ଯାଉଛନ୍ତି କିପରି... ? ତ୍ରୁଟି ନିଶ୍ଚୟ ଆମ ବ୍ୟବସ୍ଥାରେ ହିଁ ରହିଛି। ଏହାକୁ ଯେପରି ହେଉ ଖୋଜି ବାହାର କରି, ଚିରସ୍ଥାୟୀ ସମାଧାନ କରିବାକୁ ହେବ। ନହେଲେ ଆଗକୁ ଆହୁରି କେତେ ଯେ, କେଲେଙ୍କାରୀ ହବ, କହି ହେବନି..। ନାଁ କଣ କହୁଛନ୍ତି..!!

**ଛାଇ, ଜଗନ୍ନାଥ ବିହାର**
**ଭଦ୍ରକ, ମୋ-୭୦୦୮୬୦୧୧୬୧**

ଫ୍ୟାସନ୍

# ସ୍କିନ୍ କେୟାର

**ବୟସ ବଢ଼ିଲେ ଆମର ସ୍କିନ୍‌ରେ ବିଭିନ୍ନ ପ୍ରକାରର ପରିବର୍ତ୍ତନ ଦେଖିବାକୁ ମିଳିଥାଏ। ବୟସାଧିକ କାରଣରୁ ଆମ ତ୍ୱଚାରେ ବିଭିନ୍ନ ଦାଗ, ରିଙ୍କଲ୍ ଓ ଲୋଚାପଣ ଦେଖିବାକୁ ମିଳେ। ବୟସ ଅଧିକ ହେବା ଦ୍ୱାରା ଶରୀରରେ କୋଲାଜେନ୍ ନାମକ ପ୍ରୋଟିନର ଅଭାବ ଦେଖିବାକୁ ମିଳିଥାଏ। ତେବେ ଏହାର ଅଭାବ ଦୂର କରିବାକୁ ବିଭିନ୍ନ ପ୍ରକାର ଲାଇଫ୍ ଷ୍ଟାଇଲ ଟ୍ରିକ ରହିଛି ଯାହାର ଅନୁକରଣ କରିବାକୁ ହୁଏ। ଆସନ୍ତୁ ଜାଣିବା ସେହିଭଳି କିଛି ଟ୍ରିକ୍ ବିଷୟରେ।**



### ଫେସିଆଲ ମସାଜ୍:

କୋଲାଜେନ୍ ରେଗୁଲେଟ୍ କରିବାର ସବୁଠାରୁ ଇଫେକ୍ଟିଭ୍ ଉପାୟ ହେଲା ସ୍କିନ୍ ମସାଜ। ପ୍ରତିଦିନ ମୁହଁକୁ ହାଲୁକା ହାତରେ ମସାଜ କରନ୍ତୁ। ଏହା ଦ୍ୱାରା ବ୍ଲଡ୍ ଫ୍ଲୋ ସହିତ ସ୍କିନ୍‌ରେ ଅକ୍ସିଜେନ୍‌ର ମାତ୍ରା ବଢ଼ିଥାଏ।

### ଭିଟାମିନ୍-ସି:


ନିଜର ସ୍କିନ୍ କେୟାର ରୁଟିନ୍‌ରେ ଭିଟାମିନ୍-ସି ସାମିଲ୍ କରନ୍ତୁ। ଏହା ଆମ ସ୍କିନ୍ ପାଇଁ ଟନିକ ଭଳି କାମ କରିଥାଏ। ସ୍କିନ୍‌ରେ ବୟସ ବଢ଼ିବା କାରଣରୁ କମିଥିବା ପୋଷଣକୁ ଏହା ପୂରଣ କରିଥାଏ। ଏହା ସହ ପ୍ରାକୃତିକ ଉପାୟରେ କୋଲାଜେନ୍ ବଢ଼ିବାରେ ମଧ୍ୟ ସାହାଯ୍ୟ କରିଥାଏ।

### ଡାଏଟ୍‌ରେ ଧ୍ୟାନ:

ତେବେ ବାହାର କସମେଟିକ୍ ସହିତ ନିଜ ଡାଏଟ୍‌ର ଖାସ ଧ୍ୟାନ ରଖିବାକୁ ପଡ଼ିଥାଏ। ଖାଦ୍ୟରେ ଆଣ୍ଟିଅକ୍ସିଡାଣ୍ଟ, ଓମେଗା-୩, ପ୍ରୋଟିନ୍ ଆଡ଼ କରନ୍ତୁ। ଖାଦ୍ୟରେ ପନିପରିବା, ଫଳ, ମାଛ, ଶାଗ, ଦହି ଖାଆନ୍ତୁ ଏହା ତ୍ୱଚା ପାଇଁ ଖୁବ୍ ଭଲ ହୋଇଥାଏ।

### ସନ୍‌ସ୍କିନ୍ ଲୋସନ:

ସେହିଭଳି ଯେତେବେଳେ ବି ବାହରକୁ ଯାଉଛନ୍ତି ଖରା ଥାଉ କି ନଥାଉ ସନ୍‌ସ୍କ୍ରିନ୍ ଲଗାନ୍ତୁ। ଏହା ତ୍ୱଚା ପାଇଁ ଖୁବ୍ ଉପକାରୀ ହୋଇଥାଏ। ଏହା ଟ୍ୟାନିଂ ଦୂର କରିଥାଏ ଏବଂ ଚର୍ମରେ ଗ୍ଲୋ ଆଣିଥାଏ।



ରୋଷେଇ ଘରୁ

# ଚିକେନ୍ ମଲାଇ ଗ୍ରେଭି



**ଆବଶ୍ୟକ ସାମଗ୍ରୀ:** ଚିକେନ୍, ଦହି, କ୍ଷୀର, କାଜୁ, ପିଆଜ, ଟମାଟୋ ପେଷ୍ଟ, ଅଦା-ରୁସଣ ପେଷ୍ଟ, ଧନିଆ ପାଉଡ଼ର, ଜିରା ପାଉଡ଼ର, ଗୋଲମରିଚ ପାଉଡ଼ର, ଗରମ ମସଲା, ହଳଦୀ, ଲେମ୍ବୁରସ, ଲୁଣ, ଘିଅ, ଫ୍ରେସ୍‌କ୍ରିମ୍, କସ୍ତୁରୀ ମେଥି, କଞ୍ଚାଲଙ୍କା, ଧନିଆପତ୍ର।

**ପ୍ରଣାଳୀ:** ଚିକେନ୍‌କୁ ଧୋଇ ସେଥିରେ ଦହି, ଅଦା-ରସୁଣ ପେଷ୍ଟ, ଧନିଆ ପାଉଡ଼ର, ଜିରା ପାଉଡ଼ର, ଗୋଲମରିଚ ପାଉଡ଼ର, ଗରମ ମସଲା, ହଳଦୀ, ଲେମ୍ବୁରସ, ଲୁଣ ପକାଇ ମ୍ୟାରିନେଟ୍ କରି ୩୦ମିନିଟ୍ ରଖନ୍ତୁ। କାଜୁ ଏବଂ କ୍ଷୀରକୁ ଗ୍ରାଇଣ୍ଡିଂ କରନ୍ତୁ। କଡ଼ାଇରେ ତେଲ ଗରମ ହେଲେ ପିଆଜକୁ ହାଲୁକା ଭାଜିବାପରେ ସେଥିରେ ମ୍ୟାରିନେଟ୍ କରି ରଖିଥିବା ଚିନେକ୍ ପକାଇ ଗୋଳାଇବେ। ଏହି ମସଲାରେ ଗ୍ରାଇଣ୍ଡିଂ କରି ରଖିଥିବା ଟମାଟୋକୁ ଦେଇ ମିଶାନ୍ତୁ। ସେହପରି କ୍ଷୀର ଏବଂ କାଜୁର ଗ୍ରାଇଣ୍ଡିଂ ଦେବା ପରେ ସେଥିରେ ଅଳ୍ପ ପାଣି ଦେଇ କିଛି ସମୟ ଫୁଟାନ୍ତୁ। ଏହି ମସଲାରେ ଘିଅ, ଫ୍ରେସ୍‌କ୍ରିମ୍, କସ୍ତୁରୀ ମେଥି, କଞ୍ଚାଲଙ୍କା ପକାଇ ୪ରୁ୫ ମିନିଟ୍ ଫୁଟିବାକୁ ଛାଡ଼ି ଦିଅନ୍ତୁ। ଶେଷରେ ଧନିଆପତ୍ର ପକାନ୍ତୁ। ଏହି ଚିକେନ୍ ମଲାଇ ଗ୍ରେଭିକୁ ଭାତ, ରୁଟି, ପରଟା, ନାନ ସହିତ ଖାଇପାରିବେ।



## ସାପ୍ତାହିକ ରାଶିଫଳ



ଜ୍ୟୋତିର୍ବିଦ୍
ବିଶ୍ୱନାଥ ପରିଡ଼ା

ନିମାପଡ଼ା, ପୁରୀ,
ମୋବାଇଲ୍:
୯୭୭୭୨୫୨୨୪୦

**ମେଷ** ସପ୍ତାହଟି କର୍ମକ୍ଷେତ୍ରରେ ଉନ୍ନତି,ବ୍ୟବସାୟରେ ଲାଭବାନ ହେବେ। ସାମାଜିକ ମାନସମ୍ମାନ ବୃଦ୍ଧିପାଇବ। ଧନଲାଭର ସୁଯୋଗ ଆସିବ। ପାରିବାରିକ ସହଯୋଗ ମିଳିବ। ନୂତନ ଦ୍ରବ୍ୟ ଲାଭ ହେବ। ମହିଳାମାନେ ଆନନ୍ଦିତ ହେବେ।

**ବୃଷ** ସପ୍ତାହଟି ବ୍ୟବସାୟରେ ସଫଳତା ମିଳିବ। ବିରୋଧୀମାନେ ହଇରାଣ କରିବାର ସମ୍ଭାବନା ଅଧିକ। ପାରିବାରିକ ଅଶାନ୍ତି ବୃଦ୍ଧିପାଇବ। ମାନସିକ ଅଶାନ୍ତି ବୃଦ୍ଧିପାଇବ। ଅର୍ଥ ବ୍ୟୟ ହେବାର ସମ୍ଭାବନା ଅଧିକ। ବନ୍ଧୁ ସହଯୋଗ ମିଳିବ।

**ମିଥୁନ** ସପ୍ତାହଟି ଅର୍ଥଲାଭର ସୁଯୋଗ ଆସିବ। ଶତ୍ରୁମାନେ ପରାଜିତ ହୋଇପାରନ୍ତି। ଶାରୀରିକ ଅସୁସ୍ଥତା ବୃଦ୍ଧିପାଇବ। ଭ୍ରାତୃବିବାଦ ଦେଖାଦେଇପାରେ। ମହିଳାମାନେ ସୁଖୀ ରହିବେ। ବ୍ୟବସାରେ  ଲାଭବାନ ହେବେ।

**କର୍କଟ** ସପ୍ତାହଟି ଆର୍ଥିକ ଅବସ୍ଥା ସୁଦୃଢ଼ ହେବ। ମାନସମ୍ମାନ ବୃଦ୍ଧିପାଇବ। ବଳିଷ୍ଠ ବ୍ୟକ୍ତିଙ୍କ ସହଯୋଗ ମିଳିବ। ବାଦବିବାଦ ବୃଦ୍ଧିପାଇବ। ସନ୍ତାନମାନଙ୍କ ପାଇଁ ଚିନ୍ତିତ ରହିବେ। ଛାତ୍ରଛାତ୍ରୀମାନେ ଶିକ୍ଷାକ୍ଷେତ୍ରରେ ସଫଳତା ଲାଭ କରିବେ।

**ସିଂହ** ସପ୍ତାହଟି ଅବରୋଧ ହୋଇଥିବା କାର୍ଯ୍ୟରେ ଉନ୍ନତି ହେବ। ଇଚ୍ଛିତ କାର୍ଯ୍ୟରେ ସଫଳତା ଲାଭ କରିବେ।  ଗୃହ, ଭୂମି କ୍ରୟର ସୁଯୋଗ ଆସିପାରେ। ବେକାରମାନଙ୍କୁ କର୍ମସଂସ୍ଥାନ ମିଳିବ। ପାରିବାରିକ ଅସନ୍ତୋଷ ବୃଦ୍ଧିପାଇବ।

**କନ୍ୟା** ସପ୍ତାହଟି କର୍ମକ୍ଷେତ୍ରରେ ବାଧାବିଘ୍ନ ଦୂରହେବ। ଅର୍ଥଲାଭର ସୁଯୋଗ ଆସିବ। ନୂତନ ଦ୍ରବ୍ୟ ଲାଭ କରିପାରନ୍ତି। ମାନସିକ ଶାନ୍ତି ମିଳିବ। ମାନସମ୍ମାନ ବୃଦ୍ଧି ହେବ। ବନ୍ଧୁ ସହଯୋଗ ମିଳିବ। ମହିଳାମାନେ ସୁଖୀ ରହିବେ।

**ତୁଳା** ସପ୍ତାହଟି ବ୍ୟବସାୟରେ ପ୍ରଚୁର ଲାଭ ହେବ। ନୂତନ କର୍ମସଂସ୍ଥାନ ପ୍ରାପ୍ତିର ଯୋଗ ରହିଛି। ପାରିବାରିକ ସୁଖ ବୃଦ୍ଧିପାଇବ। ଶତ୍ରୁମାନେ ପରାଜିତ ହେବେ।  ମାଙ୍ଗଳିକ କାର୍ଯ୍ୟ ପାଇଁ ଆଲୋଚନା କରିପାରନ୍ତି।

**ବିଛା** ସପ୍ତାହଟି କଠିନ ପରିଶ୍ରମରେ ସଫଳତା ଲାଭ ହେବ। ବିଶିଷ୍ଟ କାର୍ଯ୍ୟରେ ଉନ୍ନତି ହୋଇପାରେ। ଶାରୀରିକ ସୁସ୍ଥତା ବୃଦ୍ଧିପାଇବ। ପାରିବାରିକ ସହଯୋଗ ମିଳିବ। ବ୍ୟବସାୟରେ ସାମାନ୍ୟ ଲାଭ ହୋଇପାରେ।

**ଧନୁ** ସପ୍ତାହଟିରେ ପରିଶ୍ରମ ହେତୁ ସାଫଲ୍ୟତା। ବିଶିଷ୍ଟ କ୍ଷେତ୍ରରେ ଉନ୍ନତି ହୋଇପାରେ। ଶାରୀରିକ ସୁସ୍ଥତା ବୃଦ୍ଧିପାଇବ। ପାରିବାରିକ ସହଯୋଗ ପାଇବେ। ବେପାରରେ ଅଳ୍ପ ଲାଭ ହେବ।

**ମକର** ସପ୍ତାହଟି କର୍ମକ୍ଷେତ୍ରରେ ଅଶାନ୍ତି ହେବ। ବ୍ୟବସାୟରେ ବାଧା, ବିଘ୍ନ ଆସିବ। ଅପବ୍ୟୟର ସୂଚନା ମିଳେ। ଶତ୍ରୁ ବୃଦ୍ଧି ହେବେ।  ମାଲି ମକଦ୍ଦମାରେ ହଇରାଣ ହୋଇପାରନ୍ତି। ଛାତ୍ରଛାତ୍ରୀମାନଙ୍କର ଶିକ୍ଷାରେ ବାଧା ବିଘ୍ନ ସୃଷ୍ଟି ହେବ।

**କୁମ୍ଭ** ସପ୍ତାହଟିରେ ବ୍ୟବସାୟରେ ଲାଭବାନ ହେବେ। ଧନ ସମ୍ପତ୍ତି ବୃଦ୍ଧିପାଇପାରେ। ମାନସମ୍ମାନ ବଢ଼ିବ। କର୍ମକ୍ଷେତ୍ରରେ ଉନ୍ନତି ହେବ।  ବନ୍ଧୁ ସହଯୋଗ ମିଳିବ। ପାରିବାରିକ ଶାନ୍ତି ବୃଦ୍ଧିପାଇବ।

**ମୀନ** ସପ୍ତାହଟି ଆକସ୍ମିକ ଅର୍ଥ ଲାଭ ହୋଇପାରେ। ଧନ୍ୟଧାନ୍ୟ ବୃଦ୍ଧିପାଇବ। ବନ୍ଧୁ ସହଯୋଗ ମିଳିବ। କର୍ମକ୍ଷେତ୍ରରେ ଉନ୍ନତି ଆସିବ। ମାନସମ୍ମାନ ବୃଦ୍ଧିପାଇପାରେ। ମହିଳାମାନେ ସୁଖୀ ରହିବେ।

ସଂସ୍କୃତି ଓ ପର୍ଯ୍ୟଟନ

# ଆଧ୍ୟାତ୍ମପୀଠ ବେଦବ୍ୟାସ

**ବିଭୂତି ଭୂଷଣ ଦାସ**







ରାଉଲକେଲାରେ ଅବସ୍ଥିତ ବେଦବ୍ୟାସର ରହିଛି ଅନେକ ପୌରାଣିକ ପୃଷ୍ଠଭୂମି । ସେଦିନ ସ୍ୱଷ୍ଟ ଦିବାଲୋକରେ ମହର୍ଷି ପରାଶର ଶଂଖ, କୋଇଲି ଓ ସରସ୍ୱତୀ ନଦୀଙ୍କର ସଙ୍ଗମ ସ୍ଥଳୀରୁ ଆବିର୍ଭୂତା ପୁଣ୍ୟତୋୟା ବ୍ରାହ୍ମଣୀଙ୍କୁ ଡଙ୍ଗାରେ ବସି ଅତିକ୍ରମ କରୁଥାନ୍ତି । ମଙ୍ଗ ଧରିଥାଏ ଅନିନ୍ଦ୍ୟ ସୁନ୍ଦରୀ କିଶୋରୀ କନ୍ୟା ମତ୍ସଗନ୍ଧା । ତା'କୁ ଦେଖି ବିମୋହିତ ହୋଇଗଲେ ମହର୍ଷି ପରାଶର ଏବଂ ପ୍ରେମ ନିବେଦନ କଲେ । ତାଙ୍କର ତପୋବଳରେ ହଠାତ୍ କିଶୋରୀ କନ୍ୟାଟି ଷୋଡ଼ଶୀରେ ପରିଣତ ହେଲା ଏବଂ ମତ୍ସର ଦୁର୍ଗନ୍ଧ ବଦଳରେ ଶରୀର ହେଲା ପଦ୍ମଗନ୍ଧମୟ । କିଛି ସମୟ ପାଇଁ ମହର୍ଷି ପରାଶର ଓ ଷୋଡ଼ଶୀ ଯୋଜନଗନ୍ଧା ଏକାକାର ହୋଇଗଲେ । ସମଗ୍ର ବିଶ୍ୱକୁ ଜ୍ଞାନାଲୋକରେ ଉଦ୍ଭାସିତ କରିବା ପାଇଁ ଭୂମିଷ୍ଠ ହେଲେ - କୃଷ୍ଣ ଦ୍ୱୈପାୟନ ବା ମହର୍ଷୀ ବେଦବ୍ୟାସ । ସ୍ୱର୍ଗରୁ ପୁଷ୍ପବୃଷ୍ଟି ହେଲା । ମହର୍ଷି ପରାଶର ଯୋଜନଗନ୍ଧାଙ୍କୁ ସତ୍ୟବତୀ ନାମରେ ନାମିତ କଲେ ଏବଂ କୃଷ୍ଣ ଦ୍ୱୈପାୟନଙ୍କୁ ଆର୍ଶିବାଦ କଲେ । ମହର୍ଷି ପରାଶର ଉଭୟଙ୍କୁ ନିଜ ନିଜର କର୍ତ୍ତବ୍ୟ ବିଷୟରେ ଅବଗତ କରାଇ ସେହି ସ୍ଥାନ ପରିତ୍ୟାଗ କଲେ । ମାତା ସତ୍ୟବତୀଙ୍କର ଅନୁମତି ପାଇ କୃଷ୍ଣ ଦ୍ୱୈପାୟନ ହିମାଳୟ ଯାତ୍ରା କଲେ । ସେଠାରେ ଭଗବାନଙ୍କର ଦର୍ଶନ ଓ ଆର୍ଶୀବାଦ ଲାଭ କରି ପୁର୍ନବାର ଫେରିଆସିଲେ ନିଜର ଜନ୍ମସ୍ଥାନକୁ ଏବଂ ଏଠାରେ ଥିବା ଏକ ଆକର୍ଷଣୀୟ ଗୁମ୍ଫା ନିକଟରେ ଭଗବାନ ଗଣେଷଙ୍କ ସହିତ ମିଶି ମହାଭାରତ ରଚନାରେ ମନୋନିବେଶ କଲେ ।

ଏଠାରେ ଥିବା ସରସ୍ୱତୀ କୁଣ୍ଡର ମହନୀୟତା ଅନେକ । ଏକଦା ଏହାର ଜଳ ସ୍ରୋତରୁ ପୂର୍ଣ୍ଣମୀ ତିଥିରେ ହଳଦିଆ ପାଣି ବାହାରୁଥିଲା । ଏବେ ସେ ଚମତ୍କାରିତା ନରହିଲେ ମଧ୍ୟ ଏହି ଜଳକୁ ପାନ କଲେ ଶରୀର ଓ ମନ ପବିତ୍ର ହୋଇଯାଏ । ଜନଶ୍ରୁତିରେ ଗୌତମ ଋଷିଙ୍କ ଆଗମନ ଏହି ପୀଠକୁ ହୋଇଛି । ବାଲୁଙ୍କେଶ୍ୱର ଓ ଚନ୍ଦ୍ରଶେଖର ମହାଦେବଙ୍କର ଦୟା ଅପରମ୍ପାର ବୋଲି ଅନେକ ମତ ଦିଅନ୍ତି । ମାନସିକଧାରୀ ଶ୍ରଦ୍ଧାଳୁଙ୍କ ପାଇଁ ବେଦବ୍ୟାସ ପ୍ରସିଦ୍ଧ । ହରିଦ୍ୱାର, ବନାରସରେ ଗଙ୍ଗା ଆଳତି ପରି ଆରମ୍ଭ ହୋଇଛି ବ୍ରାହ୍ମଣୀ ଆଳତି । ବର୍ଷକୁ ଥରେ ବେଦବ୍ୟାସ ପୀଠରେ ଆଧ୍ୟାତ୍ମିକ ଚେତନାର ଆଦାନ ପ୍ରଦାନ ପାଇଁ ଅନେକ ସାଧୁ ସନ୍ଥଙ୍କର ସମାଗମ ହେଉଥିଲା । କାଳକ୍ରମେ ଏହି ସମାଗମ ଅର୍ଥନୈତିକ ମେଳାର ରୂପ ନେଲା । ଗାଙ୍ଗପୁର ଷ୍ଟେଟ୍‌ର ରାଜା ରଘୁନାଥ ଶେଖର ଦେଓଙ୍କ ପ୍ରଚେଷ୍ଟାରେ ୧୯୦୫ ମସିହାରୁ ଏଠାରେ ଆରମ୍ଭ ହେଲା ଅନ୍ୟ ଏକ କୁମ୍ଭମେଳା । ଏହା ମଧ୍ୟରେ ବେଦବ୍ୟାସର ଏହି ମେଳା ୧୧୭ ବର୍ଷ ହେଲାଣି ମହା-ଶିବରାତ୍ରି ଅବସରରେ ୧୫ ଦିନ ଧରି ଅନୁଷ୍ଠିତ ହୋଇଆସୁଛି । ଏହି ମେଳାର ପ୍ରସିଦ୍ଧି କେବଳ ଓଡ଼ିଶା କାହିଁକି ଝଡ଼ଖଣ୍ଡ ଓ ଛତିଶଗଡ଼କୁ ମଧ୍ୟ ପରିବ୍ୟାପ୍ତ ହୋଇଛି । ବେଦବ୍ୟାସ ମେଳାରେ ବିଭିନ୍ନ ପ୍ରକାର ଘରକରଣା ସାମଗ୍ରୀ ଆଣି ପଶରା ମେଲାଇ ଦେଇଥାନ୍ତି ବେପାରୀ । ଏକଦା ସୁନା ରୁପା କଂସା ପିତଳ ଦୋକାନୀମାନେ ଏଠାରେ ଭିଡ଼ ଲଗାଉଥିଲେ । ଆଖପାଖ ଅଂଚଳର ଲକ୍ଷ ଲକ୍ଷ ଲୋକ ଏଠାରେ ପହଂଚି ବାଲୁଙ୍କେଶ୍ୱର, ଚନ୍ଦ୍ରଶେଖର ମହାଦେବ ଏବଂ ଅନ୍ୟାନ୍ୟ ଦେବାଦେବୀଙ୍କ ପୂଜାର୍ଚ୍ଚନା କରିବା ସହିତ ମେଳା ବୁଲି ନିଜ ନିଜର ଆବଶ୍ୟକ ସାମଗ୍ରୀ କିଣିଥାନ୍ତି ।

ବିଶ୍ୱ ପ୍ରସିଦ୍ଧ ପ୍ରୟାଗରାଜର ଗଙ୍ଗା-ଯମୁନା-ସରସ୍ୱତୀଙ୍କର ସଙ୍ଗମ ତୁଳନାରେ ରାଉରକେଲା ନିକଟସ୍ଥ ବ୍ୟାସପୀଠ ବେଦବ୍ୟାସର ମହାତ୍ମ୍ୟ କୌଣସି ଗୁଣରେ କମ୍ ନୁହେଁ ବୋଲି ଅଗଣିତ ଶ୍ରଦ୍ଧାଳୁ ବିଚାର କରିଥାନ୍ତି । ତେଣୁ ସାମଗ୍ରୀକ ଉନ୍ନତିକରଣ ମାଧ୍ୟମରେ ବେଦବ୍ୟାସ ପୀଠ ଭାରତବର୍ଷର ପର୍ଯ୍ୟଟନ ମାନଚିତ୍ରରେ ରାଷ୍ଟ୍ରୀୟସ୍ତରର ବୋଲି ବିବେଚିତ କରାଇବା ଲକ୍ଷ୍ୟ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପଦକ୍ଷେପ ଗ୍ରହଣ କରିଛନ୍ତି । ଆଶା କରାଯାଏ ଓଡ଼ିଶା ସରକାର ସୁଚିନ୍ତିତ ଯୋଜନା ପାଇଁ ଆଗାମୀ ଦିନରେ ବେଦବ୍ୟାସର ଔଜ୍ଜ୍ୱଲ୍ୟ ରାଜ୍ୟର ଅନ୍ୟାନ୍ୟ ପୀଠ ସଦୃଶ ଦୃଶ୍ୟମାନ ହେବ । ବେଦବ୍ୟାସ ପୀଠର ଉନ୍ନତିକରଣରେ ହରିଦ୍ୱାରର ଲକ୍ଷ୍ମଣ ଝୁଲା ଏବଂ କଟକ ଧବଳେଶ୍ୱର ପୀଠ ଝୁଲା ସଦୃଶ ଏକ ଅତ୍ୟାଧୁନିକ ଝୁଲାପୋଲ ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ଅବଶ୍ୟକତା । ଏହା ବ୍ୟତୀତ ସୌନ୍ଦର୍ଯ୍ୟକରଣରେ ଶଂଖ, କୋଇଲି ଓ ବ୍ରାହ୍ମଣୀ ମିଳିତ ହୋଇ ଇଂରାଜୀ ଅକ୍ଷର 'ୱାଇ'ର ରୂପ ନେଉଛି - ଏହିସବୁ ନଦୀବନ୍ଧ ଉପରେ ରାସ୍ତା, ପାହାଚ ଏବଂ ପଥର ବନ୍ଧ ନିର୍ମାଣ ଯୋଜନାକୁ ଅନ୍ତର୍ଭୁକ୍ତ କରାଗଲେ ଏପରି ଏକ ଦୃଶ୍ୟପଟ ସୃଷ୍ଟି ହେବ ଯାହା ସମଗ୍ର ଭାରତବର୍ଷର ପରିଦର୍ଶକଙ୍କୁ ନିମନ୍ତ୍ରଣ କରିବ ।

**ଫାଦର କଲୋନୀ, ପୁରୁଣା ଛେଣ୍ଡ, ରାଉରକେଲା,**
**ମୋ- ୮୦୯୩୦୭୮୭୫୩**


ମନୋରଞ୍ଜନ



# କିଆରା ଓ ସିଦ୍ଧାର୍ଥ ହେବେ ମୁହାଁମୁହିଁ

ସମସ୍ତେ ଜାଣିଛନ୍ତି ସିଦ୍ଧାର୍ଥ ଓ କିଆରାଙ୍କ ସମ୍ପର୍କ କଥା। ବାସ୍ତବ ଜୀବନରେ ସ୍ୱାମୀ-ସ୍ତ୍ରୀ ବଲିଉଡ୍‌ର ଦୁଇ ତାରକା ସିଦ୍ଧାର୍ଥ ମାଲହୋତ୍ରା ଓ କିଆରା ଆଡ୍‌ଭାନୀ। ଆସନ୍ତା ଅଗଷ୍ଟ ମାସରେ ଦୁଇଜଣଙ୍କ ଫିଲ୍ମ ପ୍ରାୟ ପାଖାପାଖି ତାରିଖରେ ରିଲିଜ ହେବାକୁ ଯାଉଛି। ନିକଟରେ 'ଟକ୍ସିକ୍: ଏ ଫେରିଟେଲ୍ ଫର୍ ଗ୍ରୋନ୍-ଅପ୍‌ସ୍'ର ମୁକ୍ତିଲାଭ ତାରିଖ ଘୋଷଣା ହୋଇଛି। ରକିଂ ଷ୍ଟାର୍ ଯଶ୍‌ଙ୍କ ଅଭିନୀତ ଏହି ପାନ୍-ଇଣ୍ଡିଆ ଆକ୍ସନ୍ ଫିଲ୍ମରେ କିଆରା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଛନ୍ତି। ଗୀତୁ ମୋହନ ଦାସଙ୍କ ନିର୍ଦ୍ଦେଶିତ ସିନେମାଟି ଅଗଷ୍ଟ ୨୬ ତାରିଖରେ ମୁକ୍ତିଲାଭ କରିବ ବୋଲି ପ୍ରଯୋଜନା ସଂସ୍ଥା କହିଛି। ଅନ୍ୟପକ୍ଷରେ ସିଦ୍ଧାର୍ଥ ମାଲହୋତ୍ରାଙ୍କ ଅଭିନୀତ 'ଭ୍ୱାନ୍' ତା'ର ଦୁଇଦିନ ପରେ, ଅର୍ଥାତ୍ ଅଗଷ୍ଟ ୨୮ ତାରିଖରେ ପରଦାକୁ ଆସିବ। ତେଣୁ, ଉଭୟ ପତି-ପତ୍ନୀଙ୍କ ମଧ୍ୟରେ ଏକ ଦୃଢ଼ ପ୍ରତିଦ୍ୱନ୍ଦ୍ୱିତା ହେବ ବୋଲି ଅନୁମାନ କରାଯାଇଛି। ସିଦ୍ଧାର୍ଥ ଓ କିଆରା ନିଜ ନିଜର ଫିଲ୍ମ ପ୍ରମୋଶନକୁ ନେଇ ବ୍ୟସ୍ତ ରହୁଛନ୍ତି। କେଉଁ ଫିଲ୍ମ କିଭଳି ବ୍ୟବସାୟିକ ସଫଳତା ହାସଲ କରିବ, ଦର୍ଶକ କହିବେ। ଯଦି ତାରିଖ ନବଦଳେ ଓ ପାଖାପାଖି ତାରିଖରେ ରିଲିଜ୍ ହୁଏ, ଦର୍ଶକ ନିହାତି ଫାଇଦା ଉଠାଇବେ। ଏହି ଉଭୟ ଷ୍ଟାରଙ୍କ ଫ୍ୟାନ୍ ମାନେ ଏବେଠୁ ଉତ୍କଣ୍ଠା ସହ ଅପେକ୍ଷା କରିଛନ୍ତି।








# ରାଜକୁମାର

## ଆଗାମୀ ଫିଲ୍ମ ପ୍ରହାର

ବଲିଉଡ୍ ଅଭିନେତା ରାଜକୁମାର ରାଓଙ୍କ ଆଗାମୀ ଫିଲ୍ମ 'ପ୍ରହାର: ଦ ଉଜ୍ଜ୍ୱଳ ନିକମ ଷ୍ଟୋରି'ର ଟିଜର ରିଲିଜ ହେଇଯାଇଛି। ଟିଜର ମୁକ୍ତି ପାଇବା ପରେ ସୋସିଆଲ ମିଡିଆରେ ଏହାକୁ ନେଇ ଭଲ ପ୍ରତିକ୍ରିୟା ଦେଖିବାକୁ ମିଳୁଛି। ବିଶେଷ କରି ଉଜ୍ଜ୍ୱଳ ନିକମଙ୍କ ଚରିତ୍ରରେ ରାଜକୁମାର ରାଓଙ୍କ ରୂପ, ଅଭିନୟ ଓ ସଂଳାପ ଦର୍ଶକଙ୍କ ମନ ଜିତିଛି। ଏହି ଫିଲ୍ମ ଦେଶର ପ୍ରସିଦ୍ଧ ସରକାରୀ ଓକିଲ ଉଜ୍ଜ୍ୱଳ ନିକମଙ୍କ ଜୀବନ ଓ ତାଙ୍କର ଆଇନଗତ ଲଢ଼େଇକୁ ଆଧାର କରି ନିର୍ମାଣ କରାଯାଇଛି। ଟିଜରରେ ୨୦୦୮ ମସିହାର ମୁମ୍ବାଇ ଆତଙ୍କବାଦୀ ଆକ୍ରମଣ ପରେ ଧରାପଡ଼ିଥିବା ଆତଙ୍କବାଦୀ କସାବଙ୍କ ବିରୋଧରେ ଚାଲିଥିବା ମାମଲାର କିଛି ଦୃଶ୍ୟ ଦେଖାଯାଇଛି। ଟିଜରରେ ନ୍ୟାୟ ପାଇଁ ଉଜ୍ଜ୍ୱଳ ନିକମଙ୍କ ଦୃଢ଼ ଲଢ଼େଇକୁ ଖୁବ୍ ପ୍ରଭାବଶାଳୀ ଭାବରେ ଉପସ୍ଥାପନ କରାଯାଇଛି। ଟିଜର ଦେଖିବା ପରେ ଅନେକ ଦର୍ଶକ ସୋସିଆଲ ମିଡିଆରେ ରାଜକୁମାର ରାଓଙ୍କ ଅଭିନୟର ଖୁବ୍ ପ୍ରଶଂସା କରିଛନ୍ତି। କେହି ତାଙ୍କ ରୂପାନ୍ତରକୁ ଅଦ୍ଭୁତ ବୋଲି କହିଥିବା ବେଳେ, ଆଉ କେହି ଏହାକୁ ତାଙ୍କ କ୍ୟାରିୟରର ସର୍ବଶ୍ରେଷ୍ଠ ଅଭିନୟ ମଧ୍ୟରୁ ଗୋଟିଏ ବୋଲି ମତ ଦେଇଛନ୍ତି। ଏହା ସହ ଫିଲ୍ମଟିକୁ ନେଇ ଦର୍ଶକଙ୍କ ଉତ୍ସାହ ଆହୁରି ବଢ଼ିଯାଇଛି। ଏହି ଫିଲ୍ମରେ ୱାମିକା ଗବ୍ବି, ଜୟଦୀପ ଆହଲାୱତ, ସିକନ୍ଦର ଖେର ଓ ଅନ୍ୟାନ୍ୟ କଳାକାର ମଧ୍ୟ ମୁଖ୍ୟ ଭୂମିକାରେ ଅଛନ୍ତି। ତେବେ ଯଦି ଏହି ଚଳଚ୍ଚିତ୍ର ମୁକ୍ତିଲାଭ କଥା କହିବା ଏହା ଆସନ୍ତା ୭ ଅଗଷ୍ଟରେ ସାରା ଦେଶର ସିନେମା ହଲ୍‌ରେ ମୁକ୍ତିଲାଭ କରିବାକୁ ଯାଉଛି।



ଜୁଲାଇ ୧୦ରେ ଆସୁଛି

# ସମ୍ପିତ ଓ ସପ୍ନାଙ୍କ 'ଲାଇନବାଲା'



ଶ୍ରୀହରି ମୋସନ ପିକଚର୍ସ ପ୍ରସ୍ତୁତ ଓଡ଼ିଆ ଚଳଚ୍ଚିତ୍ର ଲାଇନବାଲା ଜୁଲାଇ ୧୦ ତାରିଖରେ ରିଲିଜ୍ ହେବାକୁ ଯାଉଛି। ଏହାର ଚିତ୍ରନାଟ୍ୟ, ସଂଳାପ ରଚନା ସହିତ ନିର୍ଦ୍ଦେଶନା ଦେଇଛନ୍ତି ନିରଞ୍ଜନ ବେହେରା। ମଣିଷ ଜୀବନରେ ଗୋଟେ ଅଂଶ ହେଲା ବିଦ୍ୟୁତ। ମୌଳିକ ଆବଶ୍ୟକ ମଧ୍ୟ କହିପାରିବା। କିନ୍ତୁ ଯେଉଁମାନଙ୍କ ପାଇଁ ଆମେ ସେବା ପାଇଥାଉ ସେମାନଙ୍କୁ କେବେ ସମ୍ମାନ ଦେଉନେ। ମଣିଷ ସମାଜ ସେମାନଙ୍କ ନିଷ୍ଠା, କର୍ତ୍ତବ୍ୟକୁ ଅବହେଳା କରିଚାଲିଛି। ସେମାନେ ଅନ୍ଧାରର ନାୟକ। ସେମାନଙ୍କ ଦୁଃଖ କଷ୍ଟକୁ ସିନେମା ମାଧ୍ୟମରେ ଦେଖେଇବା ପାଇଁ ଚେଷ୍ଟା କରିଛନ୍ତି ପ୍ରଯୋଜକ ସୁଶାନ୍ତ କୁମାର ମହାନ୍ତି। ସେମାନଙ୍କର ଦୁଃଖ, କଷ୍ଟରେ ସହଭାଗୀ ହେବା ପରିବର୍ତ୍ତେ ସେମାନଙ୍କୁ ଆମେ ନିର୍ଯାତନା ଦେଇଥାଉ। ବିଲ୍ ଟଙ୍କା ମାଗିଲେ ଆମେମାନେ ମାଡ଼ ମାରିବାକୁ ବି ପଛଉ ନାହୁଁ। ତଥାପି ସେମାନେ ନିଜ କର୍ମକୁ ବ୍ରତ ଭାବି କର୍ମ କରିଥାନ୍ତି। ଏବେ ସମୟ ଆସିଛି ଆମେ ତାଙ୍କୁ ସମ୍ମାନ ଦେବା। ନିର୍ଦ୍ଦେଶକ ନିରଞ୍ଜନ କୁହନ୍ତି, ସୁଟିଂ ସମୟରେ ଆମକୁ ବହୁତ କଷ୍ଟ କରିବାକୁ ପଡିଛି। ଆମେ ଅପେକ୍ଷା କରିଥାଉ ସଟ୍‌ଡାଉନ ହେଲେ ସୁଟିଂ କରିବୁ। କିଛି ଆର୍ଟିଷ୍ଟ ଖୁଣ୍ଟି ଉପରେ ଚଢି ଅଭିନୟ କରିଛନ୍ତି। ଅବଶ୍ୟ ପ୍ରଯୋଜକ ସୁଶାନ୍ତ ମହାନ୍ତି ସୁଟିଂ ସମୟରେ ବିନା ସମସ୍ୟା କି ଦୁର୍ଘଟଣା ନହେବ ସବୁ ବ୍ୟବସ୍ଥା କରିଥିଲେ। ଯେହେତୁ ଏହା ସତ କାହାଣୀ ଥିଲା ପ୍ରଯୋଜକ ସୁଶାନ୍ତ ମହାନ୍ତିଙ୍କର ପ୍ରାୟତଃ ସବୁବେଳେ ସେଟ୍‌ରେ ରହୁଥିଲେ। ସିନେମାକୁ ଜୀବନ୍ତ ଓ ନାଚୁରାଲ୍ କରିବାକୁ ପ୍ରଯୋଜନା ସଂସ୍ଥା କିଛି ଥିଏଟର ଆର୍ଟିଷ୍ଟ ନେଇଛନ୍ତି। ସେମାନେ ଭଲ ଅଭିନୟ ମଧ୍ୟ କରିଛନ୍ତି। ଏହି ସିନେମାର କ୍ରିଏଟିଭ ହେଡ଼ ପ୍ରଣୟ ଜେଠୀ ରହିଛନ୍ତି। ବୈଦ୍ୟନାଥ ଦାଶଙ୍କ ଗୀତ ସିନେମାର ଏକ ପ୍ଲସପଏଣ୍ଟ ହେବ। ଓଡ଼ିଶାର ସିନେପ୍ରେମୀମାନେ ଏକ ମୌଳିକ କାହାଣୀ ସହିତ କିଛି ଶିକ୍ଷଣୀୟ କଥା ଏହି ସିନେମାରେ ଦେଖିବେ।

# ଅଡୁଆରେ ସିନେମା 'ମହାପ୍ରଭୁ ଜଗନ୍ନାଥ'






ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମହିମା ଓ ଗୌରବକୁ ନେଇ ପ୍ରସ୍ତୁତ ହୋଇଛି ଏକ ବିଭ୍ରାନ୍ତିକର ଆନିମେସନ ସିନେମା 'ମହାପ୍ରଭୁ ଜଗନ୍ନାଥ'। ଏହି ସିନେମା ଆସନ୍ତା ଜୁଲାଇ ୧୦ ତାରିଖରେ ସମସ୍ତ ପ୍ରେକ୍ଷାଳୟରେ ରିଲିଜ ହେବାକୁ ଯାଉଛି। ଏହି ଆନିମେସନ୍ ଫିଲ୍ମକୁ ପୁରୀ ଗଜପତି ମହାରାଜା ଶ୍ରୀ ଦିବ୍ୟସିଂହ ଦେବ ବିରୋଧ କରିଛନ୍ତି। ମହାପ୍ରଭୁଙ୍କୁ ନେଇ ବିକୃତ ଓ କାଳ୍ପନିକ ଉପସ୍ଥାପନା କରାଯାଇଥିବା କହି ବିରୋଧ କରିଛନ୍ତି ଗଜପତି ମହାରାଜା। ଘଟଣାକୁ ନେଇ ଦୃଢ଼ ପ୍ରତିବାଦ କରିବା ସହ ସିନେମାର ଜୁଲାଇ ୧୦ ରିଲିଜ୍‌କୁ ସ୍ଥଗିତ ରଖିବାକୁ ସେ ଅପିଲ କରିଛନ୍ତି। ଏକ ଲିଖିତ ପ୍ରେସ ବିବୃତି ଜାରି କରି ଗଜପତି ମହାରାଜ ଜଣାଇଛନ୍ତି ଯେ, ଭୁବନେଶ୍ୱରର ମେସର୍ସ ଏଲି ଆନିମେସନ ପ୍ରାଇଭେଟ ଲିମିଟେଡ 'ମହାପ୍ରଭୁ ଜଗନ୍ନାଥ' ଶୀର୍ଷକ ଏହି ଆନିମେସନ ସିନେମା ପ୍ରସ୍ତୁତ କରିଛନ୍ତି। ଯାହାର ଅଫିସିଆଲ ଟ୍ରେଲର ମଧ୍ୟ ରିଲିଜ ହୋଇ ଏବେ ସୋସିଆଲ ମିଡିଆରେ ଘୁରି ବୁଲୁଛି। ଗଜପତି କହିଛନ୍ତି କି, ଜଗନ୍ନାଥଙ୍କ ମହିମାର ପ୍ରଚାର ଶାସ୍ତ୍ରୀୟ ବର୍ଣ୍ଣନା ଅନୁସାରେ ହେବା ଉଚିତ। ବିକୃତ ଓ କାଳ୍ପନିକ ଉପସ୍ଥାପନା ଅସଂଖ୍ୟ ଭକ୍ତଙ୍କ ଭାବନାକୁ ଆଘାତ ପହଞ୍ଚାଇବ। ଯେଉଁ କାହାଣୀକୁ ଆଧାର କରି ସିନେମା ତିଆରି କରାଯାଇଛି, ତାହା ସମ୍ପୂର୍ଣ୍ଣ ଭାବେ ମହର୍ଷି ବେଦବ୍ୟାସଙ୍କ ଦ୍ୱାରା ପ୍ରଣୀତ ପବିତ୍ର ଧର୍ମଗ୍ରନ୍ଥର ବିରୁଦ୍ଧାଚରଣ କରୁଛି। ଏଥିରେ ଥିବା ମହାପ୍ରଭୁ ଜଗନ୍ନାଥଙ୍କ କଥାବସ୍ତୁ ସମ୍ପୂର୍ଣ୍ଣ ଭାବେ ମନଗଢ଼ା। ଏଭଳି ସିନେମା କାହାଣୀ ମେସର୍ସ ଏଲି ଆନିମେସନ କେଉଁଠୁ ପାଇଲେ ବୋଲି ସେ ପ୍ରଶ୍ନ କରିଛନ୍ତି, ଯାହାକି ମହାପ୍ରଭୁଙ୍କ ଅଗଣିତ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ମନରେ ଗଭୀର ଆଘାତ ଦେବ। ଯଦି ମହାପ୍ରଭୁଙ୍କ ଗୌରବ ଗାଥା ସମ୍ପର୍କରେ କାହାର କିଛି କହିବାର ଅଛି, ତାହେଲେ ସେ ଧର୍ମଗ୍ରନ୍ଥ ଦ୍ୱାରା ବର୍ଣ୍ଣିତ ପ୍ରାମାଣିକ ତଥ୍ୟ ଆଧାରରେ ହିଁ ହେବା ଦରକାର।



# ଅକ୍ଷୟ ଆଶାବାଦୀ




ଅକ୍ଷୟ କୁମାର ଏବେ ଚର୍ଚ୍ଚାରେ ଥିବା କଥା କୁହାଯାଉଛି। ଆଗକୁ ତାଙ୍କ ଫିଲ୍ମ 'ହୈୱାନ' ରିଲିଜ୍ ହେବାକୁ ଯାଉଛି। ଏହି ଫିଲ୍ମ ସେପ୍ଟେମ୍ବର ୧୧ ତାରିଖରେ ପ୍ରେକ୍ଷାଳୟକୁ ଆସିବ ବୋଲି ନିର୍ମାତା କହିଛନ୍ତି। ନିର୍ମାତାମାନେ ଏଥିନେଇ ଇନ୍‌ଷ୍ଟାଗ୍ରାମରେ ସୂଚନା ଦେଇଛନ୍ତି। ଟ୍ରେଡ୍ ଆନାଲିଷ୍ଟ ତରଣ ଆଦର୍ଶ ମଧ୍ୟ ଏହି ଖବରକୁ ସେୟାର କରିଛନ୍ତି। ଭେଙ୍କଟ କେ ନାରାୟଣ ଏବଂ ଶୈଳଜା ଦେଶାଇ ଫେନ୍ ପ୍ରଯୋଜନାରେ ଅଛନ୍ତି। ଏହି ଫିଲ୍ମରେ ଅକ୍ଷୟ କୁମାର ଏବଂ ସୈଫ୍ ଅଲ୍ଲୀ ଖାନ୍‌ଙ୍କୁ ଦୀର୍ଘ ୧୮ ବର୍ଷ ପରେ ପୁଣି ଏକାଠି ଦେଖିବାକୁ ମିଳିବ। ଅନ୍ୟାନ୍ୟ ପ୍ରମୁଖ ଷ୍ଟାରକାଷ୍ଟରେ ଶ୍ରେୟା ପିଲଗାଓଁକର, ସୈୟାମୀ ଖେର୍ ଏବଂ ବୋମନ ଇରାନୀ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ନଜର ଆସିବେ। ରିଲିଜ୍ ପୂର୍ବରୁ 'ହୈୱାନ' ନିଜ ବଜେଟ୍‌ର ୭୦ ପ୍ରତିଶତ ଆୟ କରିସାରିଥିବା ରିପୋର୍ଟ ମିଳିଛି। ଫିଲ୍ମର ବଜେଟ୍ ପ୍ରାୟ ୧୧୫ କୋଟି ରହିଛି। ସୂଚନାଥାଉକି, 'ହୈୱାନ' ୨୦୧୬ରେ ରିଲିଜ ହୋଇଥିବା ଏକ ମାଲାୟଲମ୍ ଫିଲ୍ମର ରିମେକ୍। ମୂଳ ଫିଲ୍ମ ଠାରୁ ଏହା ବେଶି ଆଦୃତ ହେବ ବୋଲି ଅକ୍ଷୟ ଆଶାବାଦୀ ଅଛନ୍ତି।

ଲାଳନ ପାଳନ

# ପିଲାଙ୍କ ସହ ସମୟ ବିତାଇବା

ଅନେକ ସମୟରେ ଆମେମାନେ ଆମ ପରିବାର ପ୍ରତି ସମୟ ଦେଇ ପାରିନଥାନ୍ତି। କାର୍ଯ୍ୟବ୍ୟସ୍ତତା ପାଇଁ ହେଉ ଅବା ଜବ୍ ପାଇଁ ହେଉ, ବାହାରେ ଅଧିକ ସମୟ ଦେବାକୁ ପଡ଼େ। କିନ୍ତୁ ଭୁଲିଯିବା ଉଚିତ ନୁହେଁ ଯେ ଆପଣଙ୍କ ଅପେକ୍ଷାରେ ଆପଣଙ୍କର ପରିବାରଟିଏ ଅଛି, ଯେଉଁମାନେ ଆପଣଙ୍କ ଠାରୁ ବେଶି କିଛି ନୁହେଁ ଆପାତତଃ ସମୟ ଟିକେ ଆଶା କରନ୍ତି। ସେମାନଙ୍କ ସହ ସମୟ ଅତିବାହିତ କରିବା, ସେମାନଙ୍କର ସୁଖଦୁଃଖରେ ସାମିଲ ହେବା କିମ୍ବା ସେମାନଙ୍କ ଦ୍ୱାରା ସେଲିବ୍ରେଟ୍ କରାଯାଉଥିବା ଫଙ୍କ୍‌ସନ୍‌କୁ ଉପଭୋଗ କରିବାକୁ ସେମାନେ ସଦାବେଳେ ଚାହିଁଥାନ୍ତି। ବିଶେଷକରି ପିଲାମାନେ ଚାହାନ୍ତି, ସେମାନଙ୍କ ବାପାମାଆମାନେ ଟିକେ ସମୟ ବାହାର କରି ସ୍ପେଶାଲ୍ ମୁହୂର୍ତ୍ତକୁ ଉପଭୋଗ କରନ୍ତୁ। ଯଦି ଆମେ ପିଲାଙ୍କ ସହ ସମୟ ବିତାଇବା, ତା'ହେଲେ ସେମାନଙ୍କ ମନରେ ଥିବା ଅନେକ ଭୁଲ୍ ଧାରଣା ଦୂର ହୋଇଯିବ। ସେମାନେ ଯେଉଁ ଆନନ୍ଦ ଉପଭୋଗ କରିବେ, ତାହା ଆମ ପାରିବାରିକ ଜୀବନର ସାର୍ଥକତା ମିଳିପାରିଲା ବୋଲି ଭାବିବାକୁ ପଡ଼ିବ। ଆଜିକାଲି ପ୍ରାୟ ସମସ୍ତଙ୍କ ପାଖରେ ସମୟର ଅଭାବ ପରିଲକ୍ଷିତ ହେଉଛି। ସମସ୍ତେ ବ୍ୟସ୍ତବହୁଳ ଜୀବନକୁ ନେଇ ଚାଲୁଛନ୍ତି। ତଥାପି ସେହି ସମୟ ମଧ୍ୟରୁ ସମୟ ବାହାର କରି ପିଲାଙ୍କ ସହ ବିତାଇବା ଉଚିତ। ଯଦି ସକାଳ ୧୦ଟାରେ ଅଫିସ ଯାଉଛନ୍ତି, ଆପାତତଃ ସକାଳେ ପିଲାଙ୍କ ସହ ବ୍ରେକ୍‌ଫାଷ୍ଟ କରିବା ଦ୍ୱାରା ଗେଟ୍ ଟୁ ଗେଦର ତ ହୋଇପାରିବେ। ରାତିରେ ଅଫିସରୁ ଫେରି ପିଲାଙ୍କ ସହ ସାମୂହିକ ଡିନର କଲେ, ପିଲାମାନେ ମଧ୍ୟ ସେମାନଙ୍କ ଅଭାବବୋଧକୁ ଦୂର କରିପାରିବେ। ଉଭୟ ବାପାମାଆ





ଯଦି ଜବ୍ କରୁଛନ୍ତି, ତାହେଲେ ପିଲାଙ୍କ ପାଇଁ ଛୁଟିଦିନରେ ସ୍ପେଶାଲ ସମୟ ବାହାର କରନ୍ତୁ। ଦରକାର ପଡ଼ିଲେ, ସେମାନଙ୍କୁ କୁଆଡ଼େ ବୁଲେଇ ନିଅନ୍ତୁ କିମ୍ବା କେଉଁଠି ଟିକେ ସେମାନଙ୍କୁ ଭଲ ଖାଦ୍ୟ ଖୁଆନ୍ତୁ। ସେମାନେ ଏହାଦ୍ୱାରା ଖୁସି ହୋଇପାରିବେ। ଅର୍ଥ ରୋଜଗାର ପଛରେ ସବୁବେଳେ ଗୋଡ଼େଇଲେ, ନିଜର ସଂସାର ପ୍ରତି ଏକ ବିମୁଖତା ସୃଷ୍ଟି ହୁଏ। ପିଲାଙ୍କ ଭବିଷ୍ୟତ ପାଇଁ ଯେଉଁ ଅର୍ଥ ରୋଜଗାର କରୁଛନ୍ତି, ଯଦି ତାହା କାମରେ ଲାଗିଲା ନାହିଁ, ସେ ଅର୍ଥ ରୋଜଗାରର ମୂଲ୍ୟ କିଛି ନାହିଁ। ପିଲାଙ୍କୁ ଏହି ସମୟ ଦେବା ଦ୍ୱାରା ସେମାନେ ଯେଉଁ ଖୁସି ଅନୁଭବ କରନ୍ତି, ତାହା କୌଣସି ଅର୍ଥ ଦ୍ୱାରା କିଣିପାରିବେ ନାହିଁ। ପିଲାଙ୍କ ମୁହଁରେ ଟିକେ ହସ ଫୁଟାଇବାକୁ ହେଲେ ଟାଇମ୍ ମ୍ୟାନେଜ୍ କରି ସେମାନଙ୍କ ସହ ସବୁକଥା ଶେୟାର କରନ୍ତୁ।

କ୍ୟାରିୟର

# ନିଜକୁ ଦୃଢ଼ କରନ୍ତୁ

ପିଲାମାନେ ଅନେକ ସମୟରେ ନିଜର କ୍ୟାରିୟରକୁ ନେଇ ବେଶ୍ ଚିନ୍ତିତ ଥିବା ଦେଖାଯାଏ। ସେମାନଙ୍କ ଦ୍ୱାରା ସବୁ ସମ୍ଭବ ହୋଇପାରିବ ନାହିଁ ବୋଲି କେତେକ ଦୁର୍ବଳ ମାନସିକତାର ପିଲାମାନେ ଭୟ ପାଇଯାଇଥାନ୍ତି। ଫଳରେ ସେମାନଙ୍କ ଦ୍ୱାରା ସମ୍ଭବ ହେଉଥିବା କାମକୁ ନେଇଆଣି ଥୋଇପାରି ନଥାନ୍ତି। ସବୁକ୍ଷେତ୍ରରେ ଅକୃତକାର୍ଯ୍ୟ ହୋଇଥାନ୍ତି। ଏହାଦ୍ୱାରା ସେମାନଙ୍କ କ୍ୟାରିୟର ଉପରେ ଅନେକ ପ୍ରଭାବ ପଡ଼େ। ଏଣୁ ପିଲାମାନେ ସବୁବେଳେ ମନୋବଳ ଦୃଢ଼ କରିବାର ଆବଶ୍ୟକତା ରହିଛି। ଯେଉଁ ବିଷୟରେ ପଢୁଛନ୍ତି, ସେ ବିଷୟରେ ସମ୍ପୂର୍ଣ୍ଣ ଭାବରେ ଅବଗତ ହେବା ଦରକାର। ଏହା ସେମାନଙ୍କ କ୍ୟାରିୟରକୁ କିଭଳି ଭାବରେ ପ୍ରଭାବିତ କରିପାରିବ ଓ ସେମାନେ ସେହି ପାଠ୍ୟକ୍ରମକୁ ନେଇ ଭବିଷ୍ୟତରେ କିଭଳି ସ୍ୱାବଲମ୍ବୀ ହୋଇପାରିବେ, ସେ ବାବଦରେ ନିଜେ ନଜାଣିଲେ ବି କାହାକୁ ପଚାରି ବୁଝିବା ଦରକାର। ଯଦି ନିଜେ ଡିପ୍ରେସ୍ ହୋଇ ମନ ଭିତରେ ଛାନିଆ ହୋଇଯିବା, ତା'ହେଲେ କ୍ୟାରିୟର ବହୁତ ଖରାପ ହୋଇଯିବ। ଚାହିଁଲେ ବି ପୂର୍ବାବସ୍ଥାକୁ ଆସିବା ସମ୍ଭବପର ହେବନାହିଁ। ମନ ଭିତରେ ସୃଷ୍ଟି ହୋଇଥିବା ଫ୍ରଷ୍ଟେସନ୍‌କୁ ଦୂରେଇବା ମଧ୍ୟ କଷ୍ଟ ହେବ। ଅନ୍ୟମାନଙ୍କ ଦ୍ୱାରା ହେଉଛି ମୋ ଦ୍ୱାରା କାହିଁକି ହେବନି, ଏହା ଭାବି ମନକୁ ଦୃଢ଼ କରିବା ଦରକାର। ଏହି ଭାବନା ରଖି ଯେକୌଣସି କାମ କଲେ ମନ ଭିତରେ ପ୍ରତିଯୋଗୀ ମନୋଭାବ ବଢ଼େ। ପରିସ୍ଥିତିକୁ ସାମ୍ନା କରିବାକୁ ସବୁବେଳେ ମନୋବଳକୁ ଦୃଢ଼ କରିବା ଦରକାର।





**ମାଦଳା ପାଞ୍ଜି ଓଡ଼ିଶାର ସାଂସ୍କୃତିକ, ଧାର୍ମିକ ଓ ଐତିହାସିକ ପରମ୍ପରାର ଏକ ଅନନ୍ୟ ଦଲିଲ। ଏହା କେବଳ ଶ୍ରୀଜଗନ୍ନାଥ ମନ୍ଦିରର ଘଟଣାବଳୀର ରେକର୍ଡ ନୁହେଁ, ବରଂ ଓଡ଼ିଶାର ରାଜନୈତିକ, ସାମାଜିକ ଓ ଧାର୍ମିକ ଇତିହାସର ଏକ ମହତ୍ତ୍ୱପୂର୍ଣ୍ଣ ଆଧାର ଭାବେ ପରିଗଣିତ। ଏହାକୁ ଭାରତର ପ୍ରାଚୀନତମ ମନ୍ଦିର-ଇତିହାସ ଲେଖନ ପରମ୍ପରା ମଧ୍ୟରୁ ଗୋଟିଏ ବୋଲି ମନାଯାଏ। ଶ୍ରୀଜଗନ୍ନାଥ ସଂସ୍କୃତି ସହିତ ଓଡ଼ିଆ ଜାତିର ସାମୂହିକ ସ୍ମୃତି, ପରମ୍ପରା ଓ ଐତିହାସିକ ଚେତନାକୁ ସଂରକ୍ଷିତ କରିବାରେ ମାଦଳା ପାଞ୍ଜିର ଅବଦାନ ଅନନ୍ୟ।**

# ମାଦଳା ପାଞ୍ଜି କ'ଣ ?



'ମାଦଳା' ଶବ୍ଦଟି 'ମର୍ଦ୍ଦଳ' ବା 'ମାଦଳ' ଢୋଲରୁ ଆସିଥିବା ବୋଲି କୁହାଯାଏ। ପ୍ରାଚୀନ କାଳରେ ତାଳପତ୍ରଗୁଡ଼ିକୁ ଗୁଡ଼ାଇ ମାଦଳ ଆକାରରେ ସଂରକ୍ଷିତ କରାଯାଉଥିଲା। ସେଥିପାଇଁ ଏହାର ନାମ 'ମାଦଳା ପାଞ୍ଜି' ହୋଇଥିଲା। 'ପାଞ୍ଜି'ର ଅର୍ଥ ହେଉଛି ଘଟଣାବଳୀର ଲିଖିତ ବିବରଣୀ ବା ରେଜିଷ୍ଟର। ଏହା ଶ୍ରୀମନ୍ଦିରରେ ଘଟୁଥିବା ବିଭିନ୍ନ ନୀତି, ପର୍ବପର୍ବାଣୀ, ରାଜାମାନଙ୍କ ଶାସନ, ଆକ୍ରମଣ, ପୁନଃନିର୍ମାଣ ଓ ଅନ୍ୟାନ୍ୟ ଐତିହାସିକ ଘଟଣାର ଲିଖିତ ବିବରଣୀ ଅଟେ।

**ମାଦଳା ପାଞ୍ଜିର ଆରମ୍ଭ**

ପ୍ରଚଳିତ ମତ ଅନୁସାରେ ମାଦଳା ପାଞ୍ଜିର ସଂକଳନ କାର୍ଯ୍ୟ ଗଙ୍ଗ ବଂଶୀୟ ରାଜା ଅନଙ୍ଗଭୀମ ଦେବ ତୃତୀୟ (୧୨୧୧–୧୨୩୮ ଖ୍ରୀ.)ଙ୍କ ସମୟରେ ସଂଗଠିତ ଭାବରେ ଆରମ୍ଭ ହୋଇଥିଲା। କେତେକ ଗବେଷକଙ୍କ ମତରେ ଏହାର ମୂଳ ତଥ୍ୟ ତାହାରୁ ମଧ୍ୟ ପୂର୍ବରୁ ସଂଗୃହୀତ ହେଉଥିଲା, କିନ୍ତୁ ତ୍ରୟୋଦଶ ଶତାବ୍ଦୀରୁ ଏହା ନିୟମିତ ଭାବରେ ଲିପିବଦ୍ଧ ହେବା ଆରମ୍ଭ ହୋଇଥିଲା। ଶ୍ରୀମନ୍ଦିରର କରଣ ସେବକମାନେ ଏହି ପାଞ୍ଜି ଲେଖିବା ଓ ସଂରକ୍ଷଣ କରିବାର ଦାୟିତ୍ୱ ନିର୍ବାହ କରୁଥିଲେ।

**ମାଦଳା ପାଞ୍ଜିର ପ୍ରମୁଖ ବିଷୟବସ୍ତୁ**

ମାଦଳା ପାଞ୍ଜିରେ ନିମ୍ନଲିଖିତ ତଥ୍ୟଗୁଡ଼ିକ ମିଳିଥାଏ— ଶ୍ରୀଜଗନ୍ନାଥ ମନ୍ଦିରର ସ୍ଥାପନା ଓ ବିକାଶ। ବିଭିନ୍ନ ରାଜବଂଶର ଶାସନ ସମ୍ବନ୍ଧୀୟ ବିବରଣୀ। ଶ୍ରୀମନ୍ଦିରର ନୀତିକାନ୍ତି ଓ ପର୍ବପର୍ବାଣୀ। ମନ୍ଦିର ଉପରେ ହୋଇଥିବା ଆକ୍ରମଣ ଏବଂ ତାହାର ପ୍ରତିକାର। ରାଜାମାନଙ୍କ ଦାନ ଓ ଧାର୍ମିକ କାର୍ଯ୍ୟ। ସାମାଜିକ ଓ ପ୍ରଶାସନିକ ବ୍ୟବସ୍ଥା। ଓଡ଼ିଶାର ରାଜନୈତିକ ପରିବର୍ତ୍ତନର ବିବରଣୀ।

**ମାଦଳା ପାଞ୍ଜିର ବିଶେଷତ୍ୱ**

୧. ଇତିହାସ ଓ ପରମ୍ପରାର ସମନ୍ୱୟ

ମାଦଳା ପାଞ୍ଜିରେ ଇତିହାସ, କିମ୍ବଦନ୍ତୀ ଓ ଧାର୍ମିକ ବିଶ୍ୱାସର ଏକ ଅନନ୍ୟ ସମନ୍ୱୟ ଦେଖିବାକୁ ମିଳେ।

୨. ଶ୍ରୀମନ୍ଦିରର ସରକାରୀ ଅଭିଲେଖ

ଦୀର୍ଘ ସମୟ ଧରି ଏହା ଶ୍ରୀଜଗନ୍ନାଥ ମନ୍ଦିରର ଆଧିକାରିକ ଇତିହାସ ଭାବେ ବିବେଚିତ ହୋଇଆସିଛି।

୩. ଓଡ଼ିଶାର ରାଜନୈତିକ ଇତିହାସର ଉତ୍ସ

ଗଙ୍ଗ, ସୂର୍ଯ୍ୟବଂଶୀ, ଭୋଇ ଓ ଅନ୍ୟାନ୍ୟ ରାଜବଂଶ ସମ୍ବନ୍ଧୀୟ ଅନେକ ତଥ୍ୟ ଏଥିରୁ ମିଳିଥାଏ।

୪. ତାଳପତ୍ର ପରମ୍ପରାର ଅଦ୍ୱିତୀୟ ନମୁନା

ଓଡ଼ିଆ ତାଳପତ୍ର ସାହିତ୍ୟ ଓ ଲିପିକଳାର ଏହା ଏକ ଉତ୍କୃଷ୍ଟ ନିଦର୍ଶନ।


**୫. ଲୋକସ୍ମୃତିର ସଂରକ୍ଷକ**

ଲିଖିତ ଇତିହାସର ଅଭାବ ଥିବା ସମୟର ଅନେକ ଘଟଣାର ସ୍ମୃତିକୁ ଏହା ସଂରକ୍ଷିତ ରଖିଛି।

**ମାଦଳା ପାଞ୍ଜିର ବିଭିନ୍ନ ପ୍ରକାର**

ପରମ୍ପରା ଅନୁସାରେ ମାଦଳା ପାଞ୍ଜିକୁ ମୁଖ୍ୟତଃ ଦୁଇ **ଭାଗରେ ବିଭକ୍ତ କରାଯାଏ—**

କର୍ମାଙ୍ଗୀ ମାଦଳା ପାଞ୍ଜି – ନୀତି, ପର୍ବପର୍ବାଣୀ ଓ ସେବାକାର୍ଯ୍ୟ ସମ୍ବନ୍ଧୀୟ ବିବରଣୀ। ରାଜଭୋଗ ବା ରାଜାଙ୍କ ପାଞ୍ଜି – ରାଜାମାନଙ୍କ ଶାସନ ଓ ରାଜନୈତିକ ଘଟଣାବଳୀର ବିବରଣୀ। ଐତିହାସିକ ମହତ୍ତ୍ୱ ଓ ପ୍ରାମାଣିକତାର ପ୍ରସଙ୍ଗ ମାଦଳା ପାଞ୍ଜି ଏକ ଅମୂଲ୍ୟ ଐତିହାସିକ ଦଲିଲ ହୋଇଥିଲେ ମଧ୍ୟ ଐତିହାସିକମାନେ ଏହାକୁ ସତର୍କତାର ସହ ବ୍ୟବହାର କରନ୍ତି। କାରଣ ଏହାରେ ଇତିହାସ, ପରମ୍ପରା, ଲୋକକଥା ଏବଂ ଧାର୍ମିକ ବିଶ୍ୱାସର ସମନ୍ୱୟ ଦେଖିବାକୁ ମିଳେ। ଅନେକ ଘଟଣାର ବିବରଣୀ ମୌଖିକ ପରମ୍ପରା ଉପରେ ଆଧାରିତ ଥିବାରୁ ସମସ୍ତ ତଥ୍ୟକୁ ନିର୍ବିବାଦ ଭାବେ ଐତିହାସିକ ସତ୍ୟ ବୋଲି ଗ୍ରହଣ କରାଯାଇପାରେ ନାହିଁ। ତଥାପି, ଏହା ମଧ୍ୟ ସତ୍ୟ ଯେ ମାଦଳା ପାଞ୍ଜି କୌଣସି ଆଧୁନିକ କାଳର ପୁନର୍ଲିଖିତ ଇତିହାସ ନୁହେଁ; ବରଂ ନିଜ ନିଜ ସମୟର ଘଟଣାବଳୀକୁ ସମକାଳୀନ ଭାବେ ଲିପିବଦ୍ଧ କରିବାର ଏକ ଦୀର୍ଘ ପରମ୍ପରାର ଫଳ।



ଯେଉଁ କରଣ ସେବକମାନେ ଏହାକୁ ଲେଖୁଥିଲେ, ସେମାନେ ସେହି ସମୟର ସାମାଜିକ ଓ ପ୍ରଶାସନିକ ବ୍ୟବସ୍ଥାର ଅଂଶ ଥିଲେ ଏବଂ ସେମାନଙ୍କ ଲିପିବଦ୍ଧ ବିବରଣୀ ସମକାଳୀନ ସ୍ମୃତି ଓ ପ୍ରଚଳିତ ତଥ୍ୟ ଉପରେ ଆଧାରିତ ଥିଲା। ତେଣୁ ଏହାକୁ କେବଳ କିମ୍ବଦନ୍ତୀ ବା ଲୋକକଥା ଭାବେ ଅବମୂଲ୍ୟନ କରିବା ଉଚିତ ନୁହେଁ। ଅନ୍ୟପକ୍ଷରେ, ଆଧୁନିକ ଐତିହାସିକମାନଙ୍କ ବିଶ୍ଳେଷଣ ମଧ୍ୟ ସମ୍ପୂର୍ଣ୍ଣ ଭାବେ ବ୍ୟକ୍ତିଗତ ଦୃଷ୍ଟିକୋଣ, ଉପଲବ୍ଧ ତଥ୍ୟ ଓ ଗବେଷଣା ପଦ୍ଧତିରୁ ମୁକ୍ତ ନୁହେଁ। ପ୍ରତ୍ୟେକ ଐତିହାସିକଙ୍କ ନିଜସ୍ୱ ଅଧ୍ୟୟନ ଦୃଷ୍ଟିଭଙ୍ଗୀ, ବ୍ୟାଖ୍ୟା ଓ ନିଷ୍କର୍ଷ ଥାଏ। ସେଥିପାଇଁ କେବଳ ଆଧୁନିକ ବ୍ୟାଖ୍ୟାର ଆଧାରରେ ମାଦଳା ପାଞ୍ଜିରେ ଲିପିବଦ୍ଧ ସମସ୍ତ ତଥ୍ୟକୁ ଖଣ୍ଡନ କରିଦେବା ମଧ୍ୟ ଯୁକ୍ତିସଙ୍ଗତ ନୁହେଁ। ବାସ୍ତବରେ ଇତିହାସ ଅଧ୍ୟୟନରେ ମାଦଳା ପାଞ୍ଜି, ଶିଳାଲିପି, ତାମ୍ରଶାସନ, ପୁରାତତ୍ତ୍ୱ ନିଦର୍ଶନ ଏବଂ ଅନ୍ୟାନ୍ୟ ସମକାଳୀନ ଦଲିଲ- ସମସ୍ତଙ୍କୁ ପରସ୍ପର ପୂରକ ଉତ୍ସ ଭାବେ ଦେଖିବା ଆବଶ୍ୟକ। ଅନେକ ସମୟରେ ଏପରି କିଛି ଐତିହାସିକ ଘଟଣା କିମ୍ବା ପରମ୍ପରା ଲୋକଲୋଚନକୁ ଆସିଥାଏ, ଯାହା ସମ୍ବନ୍ଧରେ ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ଶିଳାଲିପି, ତାମ୍ରଶାସନ କିମ୍ବା ଅନ୍ୟ ଦଲିଲ ଉପଲବ୍ଧ ହୋଇନାହିଁ। ସେପରି କ୍ଷେତ୍ରରେ ମାଦଳା ପାଞ୍ଜି ଭଳି ପାରମ୍ପରିକ ଅଭିଲେଖଗୁଡ଼ିକ ଗବେଷଣାର ପ୍ରାରମ୍ଭିକ ଆଧାର ଭାବେ ମହତ୍ତ୍ୱ ବହନ କରନ୍ତି ଏବଂ ଭବିଷ୍ୟତ ଅନୁସନ୍ଧାନ ପାଇଁ ଦିଗଦର୍ଶନ ଦେଇଥାନ୍ତି। ତେଣୁ ମାଦଳା ପାଞ୍ଜିକୁ ନା ଅନ୍ଧଭାବେ ଗ୍ରହଣ କରିବା ଉଚିତ, ନା ଅବିଚାରିତ ଭାବେ ଅସ୍ୱୀକାର କରିବା ଉଚିତ। ବରଂ ଏହାକୁ ଓଡ଼ିଶାର ଐତିହାସିକ ସ୍ମୃତି, ସାଂସ୍କୃତିକ ଉତ୍ତରାଧିକାର ଓ ଜନଚେତନାର ଏକ ମୂଲ୍ୟବାନ ଦଲିଲ ଭାବେ ଗ୍ରହଣ କରି, ଅନ୍ୟାନ୍ୟ ପ୍ରମାଣ ସହ ସମନ୍ୱିତ ଭାବେ ଅଧ୍ୟୟନ କରିବା ହିଁ ଅଧିକ ଯୁକ୍ତିସଙ୍ଗତ ଓ ବୈଜ୍ଞାନିକ ଦୃଷ୍ଟିକୋଣ ହେବ। ଏହି କାରଣରୁ ଓଡ଼ିଶାର ରାଜନୈତିକ, ସାମାଜିକ, ସାଂସ୍କୃତିକ ଓ ଧାର୍ମିକ ଇତିହାସର ଅନେକ ଅଜଣା ଦିଗକୁ ଉନ୍ମୋଚନ କରିବାରେ ମାଦଳା ପାଞ୍ଜିର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଗଙ୍ଗ, ଗଜପତି ଓ ଅନ୍ୟାନ୍ୟ ରାଜବଂଶ ସମ୍ପର୍କିତ ବିଭିନ୍ନ ସୂଚନା, ଶ୍ରୀଜଗନ୍ନାଥ ମନ୍ଦିରର ପରିଚାଳନା ବ୍ୟବସ୍ଥା, ଆକ୍ରମଣ ଓ ପୁନଃପ୍ରତିଷ୍ଠା ଭଳି ଘଟଣାବଳୀର ଅଧ୍ୟୟନରେ ଏହା ଏକ ମହତ୍ତ୍ୱପୂର୍ଣ୍ଣ ସହାୟକ ଉତ୍ସ ଭାବେ ବିବେଚିତ ହୁଏ।

**ବର୍ତ୍ତମାନର ଅବସ୍ଥା**

କାଳକ୍ରମେ ମୂଳ ମାଦଳା ପାଞ୍ଜିର ଅନେକ ଅଂଶ ନଷ୍ଟ ହୋଇଯାଇଛି, ବିଶେଷକରି ଆକ୍ରମଣ, ପ୍ରାକୃତିକ କ୍ଷୟ ଓ ଅବହେଳା କାରଣରୁ। ବର୍ତ୍ତମାନ ବିଭିନ୍ନ ସମୟରେ ନକଲ କରାଯାଇଥିବା ଅନେକ ପ୍ରତିଲିପି ଉପଲବ୍ଧ ଅଛି। ଏହି ପାଣ୍ଡୁଲିପିଗୁଡ଼ିକ ଶ୍ରୀମନ୍ଦିର, ଗବେଷଣା ସଂସ୍ଥା ଏବଂ ପୁସ୍ତକାଳୟଗୁଡ଼ିକରେ ସଂରକ୍ଷିତ ରହିଛି। ବର୍ତ୍ତମାନ ଗବେଷକମାନେ ମାଦଳା ପାଞ୍ଜିର ପାଣ୍ଡୁଲିପିଗୁଡ଼ିକର ଡିଜିଟାଲ ସଂରକ୍ଷଣ, ସମ୍ପାଦନା ଓ ସମାଲୋଚନାତ୍ମକ ଅଧ୍ୟୟନ ଉପରେ କାର୍ଯ୍ୟ କରୁଛନ୍ତି। ଶ୍ରୀଜଗନ୍ନାଥ ସଂସ୍କୃତି ଓ ଓଡ଼ିଶାର ଇତିହାସ ଅଧ୍ୟୟନରେ ଏହା ଆଜି ମଧ୍ୟ ଏକ ଅପରିହାର୍ଯ୍ୟ ଉତ୍ସ ଭାବେ ରହିଛି। ଏଣୁ ମାଦଳା ପାଞ୍ଜି କେବଳ ଏକ ଧାର୍ମିକ ଅଭିଲେଖ ନୁହେଁ; ଏହା ଓଡ଼ିଶାର ସାମୂହିକ ସ୍ମୃତି, ସଂସ୍କୃତି ଓ ଇତିହାସର ଜୀବନ୍ତ ଦଲିଲ। ଏହା ଶ୍ରୀଜଗନ୍ନାଥ ସଂସ୍କୃତିର ଧାରାବାହିକତାକୁ ଯେପରି ସଂରକ୍ଷିତ କରିଛି, ସେପରି ଓଡ଼ିଆ ଜାତିର ଅତୀତକୁ ବୁଝିବା ପାଇଁ ଏକ ଅମୂଲ୍ୟ ଐତିହାସିକ ଉତ୍ସ ଭାବେ ଆଜି ମଧ୍ୟ ତାହାର ଗୁରୁତ୍ୱ ଅକ୍ଷୁର୍ଣ୍ଣ ରହିଛି।

ଇତିହାସ ରଚନାରେ ମାଦଳା ପାଞ୍ଜିର ସ୍ଥାନ କେବଳ ଏକ ଦଲିଲର ନୁହେଁ,ବରଂ ଓଡ଼ିଶାର ଅତୀତ ଓ ବର୍ତ୍ତମାନ ମଧ୍ୟରେ ଏକ ସେତୁର। ଏହାର ସଂରକ୍ଷଣ,ଗଭୀର ଅଧ୍ୟୟନ ଓ ନିରପେକ୍ଷ ବିଶ୍ଳେଷଣ କେବଳ ଶ୍ରୀମନ୍ଦିରର ଐତିହ୍ୟକୁ ନୁହେଁ, ବରଂ ସମଗ୍ର ଓଡ଼ିଶାର ଐତିହାସିକ ଚେତନାକୁ ଆଗାମୀ ପିଢ଼ି ପାଇଁ ସୁରକ୍ଷିତ ରଖିବ। ତେଣୁ ମାଦଳା ପାଞ୍ଜି ଆଜି ମଧ୍ୟ ଓଡ଼ିଶାର ଇତିହାସ, ପରମ୍ପରା ଓ ଜାତୀୟ ସ୍ମୃତିର ଏକ ଅମୂଲ୍ୟ ଧରୋହର ଭାବେ ସମ୍ମାନର ସହ ବିବେଚିତ ହୁଏ।

**ସିତାଂଶୁ ଶେଖର ମିଶ୍ର**
**ଶାନ୍ତି ନଗର,ସୋନପୁର**
**ମୋ-.୮୧୪୪୮ ୭୦୭୨୯**



ସ୍ୱାସ୍ଥ୍ୟ ସ୍ୱତନ୍ତ୍ର

# ଜଙ୍କଫୁଡ୍ ଓ ମେଦବହୁଳତା

ଡାକ୍ତର ଶୁଭଶ୍ରୀ ମିଶ୍ର



ଇଂଲଣ୍ଡରେ ଜଙ୍କଫୁଡ୍ ବିଜ୍ଞାପନ ଉପରେ କଟକଣା ଜାରି ହୋଇଛି । ଏହା ଅମ୍ଭେ ବହୁତେ ସମସ୍ତ ଜାଣନ୍ତି ଯେ ଜଙ୍କଫୁଡ୍ ବାସ୍ତବରେ ଲବଣ, ଶର୍କରା ଓ ଚର୍ବିରେ ଭରପୁର । ଏହି ପାଟି ଟକଳା ଜିନିଷରେ କିନ୍ତୁ ଖାଦ୍ୟସାର ଅତି କମ ପରିମାଣର ଥାଏ । ବଡ଼ କଥା ହେଉଛି ଏ ସବୁର ବିଜ୍ଞାପନ ପିଲାମାନଙ୍କ ଠାରୁ ଆରମ୍ଭ କରି ବଡ଼ ମାନଙ୍କ ଉପରେ ମଧ ପକାଇଥାଏ ।

ମେଦବହୁଳତା ଆମ ସ୍ୱାସ୍ଥ୍ୟ ପାଇଁ କେତେ ହାନିକାରକ ତାହା ସମସ୍ତେ ଅମ୍ଭେ ବହୁତ ଅନୁଭବ କରିଥାନ୍ତି । ଆବଶ୍ୟକତା ଠାରୁ ଅଧିକ ତୈଳଯୁକ୍ତ, ଅଧିକ କ୍ୟାଲୋରୀ ଥିବା ଫାଷ୍ଟଫୁଡ୍ ଜାତୀୟ ଖାଦ୍ୟ ଖାଇବା ଏହି ମେଦବହୁଳତାର ମୁଖ୍ୟ କାରଣ । କେବଳ ବୟସ୍କ ନୁହନ୍ତି, ଛୋଟପିଲାଙ୍କ ଠାରୁ ଯୁବକ ଓ ମହିଳା ମାନେ ଏପରି ସମସ୍ୟାରେ ଭାରାକ୍ରାନ୍ତ । ଯୁବବର୍ଗଙ୍କ ଭିତରେ ବିଭିନ୍ନ ପ୍ରକାର ଖାଦ୍ୟ ଯଥା ଚାଟ୍, ରୋଲ, ଚାଓମିନ୍, ଆଇସକ୍ରିମ୍ ଆଦି ଖାଇବାକୁ ଆଗ୍ରହ ବଢ଼ିବା ସହ ତଥାକଥିତ ଫାଷ୍ଟଫୁଡ୍ ଜାତୀୟ ଖାଦ୍ୟ ଏହାର ପ୍ରମୁଖ କାରଣ । ଆଉ ଏଭଳି ଖାଦ୍ୟ ଧୀରେ ଧୀରେ ସେମାନଙ୍କର ଅଭ୍ୟାସରେ ପରିଣତ ହୋଇଯାଏ । ଫଳରେ ମେଦବହୁଳତା ପରି ସମସ୍ୟାର ସମ୍ମୁଖୀନ ହୋଇଥାଆନ୍ତି ସେମାନେ । କେବଳ ସେତିକି ନୁହେଁ ମେଦବହୁଳତା କାରଣରୁ ହୃଦ୍‌ଜନିତ ସମସ୍ୟା, ଆଣ୍ଠୁଗଣ୍ଠି ଜନିତ ସମସ୍ୟା, ପିଠି ଯନ୍ତ୍ରଣା ଦେଖାଯିବାର ଆଶଙ୍କା ରହିଛି । ନିକଟରେ ଏସୀୟ ବିଶେଷଜ୍ଞଙ୍କ ଦ୍ୱାରା ହୋଇଥିବା ଏକ ସର୍ବେକ୍ଷଣରୁ ଜଣା ପଡ଼ିଛି ଯେ ଅଧିକାଂଶ ମହିଳା ପିଲାମାନଙ୍କୁ ପୁଷ୍ଟିକର ଖାଦ୍ୟ କମ୍ ଦେଇ ଫାଷ୍ଟଫୁଡ୍ ଜାତୀୟ ଖାଦ୍ୟ ଅଧିକ ଦେଇଥାଆନ୍ତି । ମୃଦୁପାନୀୟ ଓ ବିଭିନ୍ନ ପ୍ରକାର ନିଶାଯୁକ୍ତ ପାନୀୟ ମଧ ମେଦବହୁଳତାର ଗୁରୁତ୍ୱପୂର୍ଣ୍ଣ କାରଣ । ସେହିପରି ବର୍ତ୍ତମାନ ହାତପାହାନ୍ତାରେ ସୂଚନାପ୍ରଯୁକ୍ତିର ସମସ୍ତ ଅତ୍ୟାଧୁନିକ ସୁବିଧା ସୁଯୋଗ ଉପଲବ୍ଧ ହେଉଥିବାରୁ ସାଧାରଣରେ ଯୋଗ, ପ୍ରାଣାୟମ ଓ ଉପଯୁକ୍ତ ବିଶ୍ରାମକୁ ଅଧିକାଂଶ ଗୁରୁତ୍ୱ ପ୍ରଦାନ କରୁନାହାନ୍ତି ।

ବିଳମ୍ବରେ ହେଉ ବରଂ ଇଂଲଣ୍ଡରେ ଜଙ୍କଫୁଡ୍ ବିଜ୍ଞାପନ ଉପରେ କଟକଣା ବାସ୍ତବିକ ଶିକ୍ଷଣୀୟ । ସେଥିଲାଗି ରାତି ୯ଟା ଆଗରୁ ଟେଲିଭିଜନରେ ଏବଂ ଅନ୍‌ଲାଇନ୍‌ରେ ଆଦୌ ଅସ୍ୱାସ୍ଥ୍ୟକର ଖାଦ୍ୟ ଓ ପାନୀୟ ସମ୍ବନ୍ଧୀୟ ବିଜ୍ଞାପନ ପ୍ରସାରଣ କରାଯାଇପାରିବ ନାହିଁ ବୋଲି ଇଂଲଣ୍ଡର ସ୍ୱାସ୍ଥ୍ୟ ମନ୍ତ୍ରାଳୟ ନିୟମ କରିଛି । ବିଶ୍ୱରେ ପ୍ରଥମ କରି ଏତାଦୃଶ୍ୟ କଠୋର ନିୟମ ପ୍ରଣୟନ କରି ଇଂଲଣ୍ଡ ସରକାର ପ୍ରତି ବର୍ଷ ପିଲାମାନଙ୍କ ଭୋଜନରୁ ୨.୭ ନିୟୁତ ଯାଏ କ୍ୟାଲୋରି ହଟାଇବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି । ତେଣୁ, ସବୁ ପ୍ରକାର ସ୍ୟାଣ୍ଡଉଇଜ, ପ୍ରେଟଜେଲ, ପୋରିକ, ଓଟସ୍ ଓ ମ୍ୟୁକଲି ଆଦି ସକାଳ ଜଳଖିଆ ଉପରେ ଏହି କଟକଣା ଲାଗୁ କରାଯାଇଛି । ଏହାଦ୍ୱାରା ମେଦବହୁଳ ପିଲାଙ୍କ ସଂଖ୍ୟା ଉଲ୍ଲେଖନୀୟ ଭାବେ ହ୍ରାସ ପାଇବ । ମେଦବହୁଳତା ପରି ସ୍ୱାସ୍ଥ୍ୟ ସମସ୍ୟା ସହରୀକରଣ, ଜଗତୀକରଣ ଓ ଉଦ୍ୟୋଗୀକରଣ ଯୁଗର ନିୟମିତ ଧାରାରେ ପରିଣତ ହୋଇଛି । ଭାରତ ପରି ବିକାଶଶୀଳ ଦେଶମାନେ ନିଜ ଖାଦ୍ୟ ନୀତିରେ ସଂସ୍କାର ନଆଣିଲେ ଦେଶ ଧନୀ ହେବା ଆଗରୁ ରୋଗୀଣା ହୋଇଯିବାର ଆଶଙ୍କା ସୃଷ୍ଟି ହେଲାଣି । ୟୁନିସେଫ୍, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଓ ବିଶ୍ୱ ବ୍ୟାଙ୍କର ମିଳିତ ଅନୁସନ୍ଧାନରୁ ଜଣାପଡ଼ିଛି ମେଦ ବହୁଳତା ସାରା ବିଶ୍ୱରେ ବଢୁଛି । ପୃଥିବୀର ଅର୍ଦ୍ଧେକ ଅଧିକ ଓଜନର ଶିଶୁ ଅଛନ୍ତି ଏସିଆ ମହାଦେଶରେ, ଏକଚତୁର୍ଥାଂଶ ଅଛନ୍ତି ଆଫ୍ରିକାରେ । ପରିସଂଖ୍ୟାନରୁ ଜଣାପଡ଼ିଛି, ବିକାଶଶୀଳ ଦେଶରେ ସହରମାନଙ୍କରେ ମେଦବହୁଳ ଲୋକଙ୍କ ସଂଖ୍ୟା ବଢୁଛି । ସହଜ ଖାଦ୍ୟ ଉପଲବ୍ଧିତା ଏହାର ମୁଖ୍ୟ କାରଣ । ଭାରତର ଜାତୀୟ ପୁଷ୍ଟି ଅନୁଷ୍ଠାନର ତଥ୍ୟ ଅନୁଯାୟୀ ଭାରତର ସହର ଗୁଡ଼ିକରେ ଏକ ଚତୁର୍ଥାଂଶ ପୁରୁଷ ଓ ଅର୍ଦ୍ଧାଧିକ ମହିଳା ମୋଟା । ଏସିଆ ଓ ଆଫ୍ରିକା ମହାଦେଶରେ ବର୍ତ୍ତମାନ ସର୍ବାଧିକ ସହରୀକରଣ ଚାଲିଛି । ଗ୍ରାମାଞ୍ଚଳରୁ ଲୋକମାନେ ସହରକୁ ଆସୁଛନ୍ତି । ସହରରେ ସହଜରେ ସେମାନଙ୍କୁ ପ୍ରକ୍ରିୟାକୃତ ଖାଦ୍ୟ ଏବଂ ଫାଷ୍ଟଫୁଡ୍ ଉପଲବ୍ଧ ହେଉଛି । ଏହା ସେମାନଙ୍କର ଅସ୍ୱାସ୍ଥ୍ୟକର ଖାଦ୍ୟାଭ୍ୟାସର କାରଣ ହେଉଛି । କ୍ଷୁଧା ଶେଷ କରିବା ପାଇଁ ସରକାରମାନଙ୍କର ପ୍ରଚେଷ୍ଟା ଆଗରେ ମେଦ ବହୁଳତା ଏକ ଆହ୍ୱାନ ସଦୃଶ ଉଭା ହୋଇଛି । ସହରକୁ ସୁବିଧାଜନକ କରିବା ନିମନ୍ତେ ସରକାରଙ୍କ ବ୍ୟବସ୍ଥା ସହରବାସୀଙ୍କୁ ମେଦବହୁଳ କରିଦେଉଛି । ଆଗାମୀ ଦିନରେ ବଡ଼ ସମସ୍ୟା ହେବାକୁ ଯାଉଥିବା ଏହି ସମସ୍ୟାର ଉପଯୁକ୍ତ ପରିଚାଳନା ପାଇଁ ଦୃଢ଼ ନୀତି ଆବଶ୍ୟକ ।

ବିକାଶଶୀଳ ଦେଶଗୁଡ଼ିକର ସହରରେ ପ୍ରକ୍ରିୟାକୃତ ଖାଦ୍ୟ, ତେଲଛଣା ଖାଦ୍ୟ, ଫାଷ୍ଟଫୁଡ୍ ଏବଂ ଅନ୍ତଃରାଷ୍ଟ୍ରୀୟ ଚେନ୍ ଗୁଡ଼ିକର ବ୍ୟବସାୟ କାୟା ବିସ୍ତାର କରୁଛି । ଏହା ପାରମ୍ପରିକ ସ୍ୱାସ୍ଥ୍ୟକର ଖାଦ୍ୟାଭାସରୁ ମଣିଷକୁ ଦୂରେଇ ନେଉଛି । ଏଥିସହ ସହରୀ ଜୀବନରେ ଶାରୀରିକ ପରିଶ୍ରମ ତୁଳନାତ୍ମକ ଭାବରେ କମ୍ । ଅବସର ବିନୋଦନ ପାଇଁ ଟେଲିଭିଜନ, ସିନେମା ଓ ଭିଡ଼ିଓ ଗେମ୍ ଉପରେ ଅଧିକ ନିର୍ଭରଶୀଳ ଲୋକମାନେ । ଅଧିକାଂଶ ଘରେ ଏସବୁ ସୁବିଧା ଉପଲବ୍ଧ । କିନ୍ତୁ ଏହାର ସବୁଠାରୁ ଉଦ୍‌ବେଗଜନକ ପରିଣାମ ହେଉଛି ବିକାଶଶୀଳ ଦେଶମାନେ ଧନୀ ହେବା ପୂର୍ବରୁ ରୋଗୀଣା ହୋଇଯିବାର ଆଶଙ୍କା । କାରଣ ଏହି ସ୍ୱାସ୍ଥ୍ୟ ସମସ୍ୟା କ୍ରମେ ବିକାଶଶୀଳ ଦେଶଗୁଡ଼ିକର ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ଧରାଶାୟୀ କରିଦେବ । କେତେକ ଦେଶରେ ସରକାର ମେଦବହୁଳତାକୁ ରୋକିବା ପାଇଁ ପରୀକ୍ଷାମୂଳକ ଭାବରେ କିଛି ପଦକ୍ଷେପ ନେଇଛନ୍ତି । ଉଦାହରଣ ସ୍ୱରୂପ ଅସ୍ୱାସ୍ଥ୍ୟକର ଖାଦ୍ୟ ଓ ପାନୀୟ ଉପରେ କର ବ୍ୟବସ୍ଥା । ଆମେରିକା ସରକାର ସୋଡ଼ା କର ଅଭିଯାନ ଆରମ୍ଭ କରିଛନ୍ତି । ଥାଇଲାଣ୍ଡ, ବ୍ରୁନେଇ ଓ ସିଙ୍ଗାପୁର ସମାନ ପଦକ୍ଷେପ ନେଇଛନ୍ତି । ଦୁଇହଜାର ଅଠର ଏପ୍ରିଲରୁ ଦକ୍ଷିଣ ଆଫ୍ରିକା ସରକାର ଚିନି କର ଲାଗୁ କରିବାର ନିଷ୍ପତ୍ତି ନେଇଛନ୍ତି । ବ୍ରିଟେନରେ ଅଧିକ ଫ୍ୟାଟ, ଲୁଣ ଓ ଚିନି ଥିବା ଖାଦ୍ୟ ଷୋହଳ ବର୍ଷରୁ କମ୍ ବୟସର ପିଲାମାନଙ୍କୁ ବିକ୍ରି କରାଯିବା ଉପରେ କଟକଣା ଜାରି କରାଯାଇଛି । କାଲିଫର୍ଣ୍ଣିଆର ବର୍କଲେ ସହରକୁ ପଦାଚାରୀ ଓ ସାଇକେଲ ଆରୋହୀଙ୍କ ପାଇଁ ସହଯୋଗୀ କରାଯାଇଛି କେବଳ ମେଦହବୁଳତାକୁ ଆଖିରେ ରଖି । ଅସ୍ୱାସ୍ଥ୍ୟକର ଖାଦ୍ୟ ଉପରେ ଆଇନ ଦ୍ୱାରା ନିୟନ୍ତ୍ରଣ ରଖି ଏବଂ ସ୍ୱାସ୍ଥ୍ୟକର ଖାଦ୍ୟାଭାସ ଉପରେ ସଚେତନତା ସୃଷ୍ଟି ଦ୍ୱାରା ମେଦବହୁଳତା ପରି ଘାତକ ଦୀର୍ଘସୂତ୍ରୀ ସମସ୍ୟାର ସମାଧାନ କରାଯାଇପାରେ ବୋଲି ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି । ବିକାଶଶୀଳ ଦେଶମାନଙ୍କରେ ଉଭୟ ସାମାଜିକ ଓ ଆର୍ଥିକ ପରିସ୍ଥିତିକୁ ଦୃଷ୍ଟିରେ ରଖି ନିୟମ ପ୍ରଚଳନ କରିବା ଏ ଦିଗରେ ବିଶେଷ ଲାଭଦାୟୀ ହୋଇପାରିବ ।

ସମ୍ପ୍ରତି ଭାରତ ଭଳି ଅନେକ ଦେଶରେ ଚର୍ବିଳ, ଲବଣାକ୍ତ, ଶର୍କରାଯୁକ୍ତ ଖାଦ୍ୟ ଦ୍ରବ୍ୟ ଏବଂ ପ୍ୟାକେଟହୋଇ ବିକ୍ରୟ ହେଉଥିବା ଚିପସ୍, କୁକୁଜ, କ୍ରାକର, କ୍ୟାଣ୍ଡି, ବକ୍ସଡ଼ ମାକାରୋନି, ଚିଜ୍ ଆଦି ଅନେକ କିସମ ଖାଦ୍ୟ ଦୈନନ୍ଦିନ ଆହାର ତାଲିକାଭୁକ୍ତ ହୋଇଗଲାଣି । କେବଳ ସେତିକି ନୁହେଁ, ଦିନକୁ ଦିନ ଏସବୁ ପ୍ରାକ ପ୍ରସ୍ତୁତ ଭୋଜନ ଚାହିଦା ଦ୍ରୁତ ଗତିରେ ବଢ଼ି ବଢ଼ି ଚାଲିଛି । ଏ କ୍ଷେତ୍ରରେ ଇଂଲଣ୍ଡ ଯେଉଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ତାହାକୁ ସତର୍କ ସୂଚନା ଭାବେ ବିବେଚନା କରାଯାଇପାରେ । ୨୦୨୩ରେ ପ୍ରକାଶିତ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ରିପୋର୍ଟ ମଧ ଦର୍ଶାଉଛି ଯେ ୨୦୦୬ରେ ପ୍ରାୟ ୯୦ କୋଟି ଡଲାର ମୂଲ୍ୟ ଥିବା ଭାରତର ପ୍ରକ୍ରିୟାକୃତ ଖାଦ୍ୟ ବଜାର ୨୦୧୯ ସୁଦ୍ଧା ୩୭୯୦ କୋଟି ଡଲାରକୁ ବୃଦ୍ଧି ପାଇଛି । ଅର୍ଥାତ୍ ଏହାର ବାର୍ଷିକ ବୃଦ୍ଧି ହାର ୩୩ ପ୍ରତିଶତରୁ ଅଧିକ । ପୁନଶ୍ଚ ୨୦୨୪-୨୫ ବର୍ଷର ଅର୍ଥନୈତିକ ସର୍ବେକ୍ଷଣ ରିପୋର୍ଟ ମଧ ସାବଧାନ କରାଇ ଦେଇଛି ଯେ ଭାରତ ତାର ପିଲାମାନଙ୍କ ଶରୀରିକ ମାନସିକ ଓ ଆବେଗିକ ସ୍ୱାସ୍ଥ୍ୟ ସୁରକ୍ଷିତ ରଖିବା ଉଚିତ । ଗତ ବର୍ଷ ଭାରତ ସରକାରଙ୍କ ଜଙ୍କଫୁଡ୍ ଉପରେ ନିୟମାବଳୀ ପାଇଁ ବିଭିନ୍ନ ପର୍ଯ୍ୟାୟରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲେ ମଧ ଏଯାବତ୍ କୌଣସି ନିୟମାବଳୀ ପ୍ରଣୟନ ହୋଇପାରି ନାହିଁ । ସବୁଠାରୁ ବଡ଼ କଥା ହେଉଛି ଏଯାବତ୍ ଏହି ଜଙ୍କଫୁଡ୍‌ର ସଂଜ୍ଞାଟି ବାସ୍ତବରେ କ'ଣ ଏଥି ନିମିତ୍ତ ଗତବର୍ଷ 'ଫୁଡ୍ ସେଫ୍‌ଟି ଆଣ୍ଡ ଷ୍ଟାଣ୍ଡାର୍ଡ୍‌ସ୍ ଅଥରିଟି ଅଫ୍ ଇଣ୍ଡିଆ' 'ଇଣ୍ଡିଆନ କାଉନସିଲ ଅଫ୍ ମେଡ଼ିକାଲ ରିସର୍ଚ୍ଚ ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ ନ୍ୟୁଟ୍ରିସନ୍' ଦ୍ୱାରା ନିର୍ଦ୍ଧାରିତ ମାନକ ଗୃହୀତ କରିବାକୁ ନିଷ୍ପତ୍ତି ଗ୍ରହଣ କରିଥିଲା । ଉପରୋକ୍ତ ଖାଦ୍ୟଦ୍ରବ୍ୟ କାରଣରୁ ସାଂଘାତିକ ସ୍ୱାସ୍ଥ୍ୟ ସମସ୍ୟା ଭୋଗୁଥିବା ରାଷ୍ଟ୍ରମାନେ ସଂସ୍କାରମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି । ନେଡ଼ିଗୁଡ଼ କହୁଣୀକୁ ବୋହିଯିବା ଆଗରୁ ଭାରତ ମଧ ଏତାଦୃଶ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉଚିତ ବୋଲି ମତ ପ୍ରକାଶ ପାଉଛି ।

ବିଶ୍ୱ ପୁଷ୍ଟି ରିପୋର୍ଟ ଅନୁଯାୟୀ, ବର୍ତ୍ତମାନ ସାରା ଦେଶରେ ଚାଲିଥିବା ବିକାଶ ଧାରା ନିମନ୍ତେ ମେଦବହୁଳତା ସବୁଠାରୁ ବଡ଼ ପ୍ରତିବନ୍ଧକ ହୋଇ ଉଭା ହୋଇପାରେ । ସବୁବେଳେ ସୁଷମ ଖାଦ୍ୟକୁ ଗୁରୁତ୍ୱ ଦେବା ସହ ସବୁଜ ଓ ତଟକା ପନିପରିବା ଓ ଫଳକୁ ନିଜ ଖାଦ୍ୟ ତାଲିକାରେ ଗୁରୁତ୍ୱ ଦେବା ଜରୁରୀ । ବଜାରର ତଥାକଥିତ ଫାଷ୍ଟଫୁଡ୍ ଠାରୁ ଫ୍ରିଜ୍‌ର ଥଣ୍ଡାଖାଦ୍ୟ, ଚକୋଲେଟ୍, ମିଠା, ମାଦକଦ୍ରବ୍ୟ ଓ ଥଣ୍ଡା ପାନୀୟ ଠାରୁ ଯେତେ ସମ୍ଭବ ଦୂରେଇ ରହିବା ନିଶ୍ଚିତ ଭାବରେ ଭଲ । କଠିନ ପରିଶ୍ରମ ହିଁ ମେଦ ବହୁଳତା ରୋଗରୁ ରକ୍ଷା ପାଇବାର ଶ୍ରେଷ୍ଠ ମାଧ୍ୟମ ।

ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ, କଟକ,
E-mail : drsubhashreemishra890@gmail.com



ମହକ

# ଆଜ୍ଞାମାଳ ପାଇ ଶାନ୍ତ ହୁଅନ୍ତି ଲକ୍ଷ୍ମୀ ଠାକୁରାଣୀ

**କବୀର କୁମାର ଜେନା**

ମହାପ୍ରଭୁଙ୍କ ଅନେକ ଏପରି ସବୁ ଲୀଳା ରହିଛି ଯାହା ଠିକ ଆମ ଓଡ଼ିଆ ଘରର ରୀତିନୀତି ପରି। ବର୍ଷରେ ଥରେ ମାଉସୀ ମା'ଘରକୁ ପୁଣି ନଅଦିନ ପାଇଁ, ସାଙ୍ଗରେ ବଡ଼ଭାଇ ଓ ଆଦରର ଗେହ୍ଲା ଭଉଣୀକୁ ଧରି ଏକ ପ୍ରକାର ସହଧର୍ମିଣୀଙ୍କୁ ଗୁରୁତ୍ୱ ନଦେଇ ଜଣେ ଯାତ୍ରା କରିଥିଲେ ପରବର୍ତ୍ତୀ ସମୟରେ ସେହି ସହଧର୍ମିଣୀଙ୍କ ରୋଷର ଶିକାର ହେବାକୁ ପଡ଼େ। କେବଳ କୈଫତ ଦେବାକୁ ପଡ଼ି ନଥାଏ ବରଂ ମନ ବୁଝାଇବା ପାଇଁ ଆଦରର ପ୍ରିୟ ମିଠା ଦେବାକୁ ପଡ଼ିଥାଏ। ଆମ ଆଲୋଚନାରେ ଏହି ଆଲେଖ୍ୟଟି। ଆଷାଢ଼ ଶୁକ୍ଳ ପକ୍ଷ ଦ୍ୱିତୀୟା ତିଥିରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଭାଇଭଉଣୀଙ୍କୁ ସାଙ୍ଗରେ ଧରି ନବଦିନାତ୍ମକ ଯାତ୍ରା କରିଥାନ୍ତି। ସାଙ୍ଗରେ ନିଜର ଧର୍ମପତ୍ନୀ ମହାଲକ୍ଷ୍ମୀଙ୍କୁ ନେଇ ନଥାନ୍ତି। ଏଥିପାଇଁ ଅଭିମାନ କରିଥାନ୍ତି ଲକ୍ଷ୍ମୀ ଠାକୁରାଣୀ। ମହାପ୍ରଭୁ ଶ୍ରୀଜଗନ୍ନାଥ ଦୁଇଥର ଆଜ୍ଞାମାଳ ପ୍ରଦାନ କରି ଫେରିବାର ସନ୍ଦେଶ ଦେଇ ମହାଲକ୍ଷ୍ମୀଙ୍କୁ ଶାନ୍ତ କରାଇଥାନ୍ତି।



ମହାପ୍ରଭୁଙ୍କ ଲୀଳା, ପୂଜା ରୀତିନୀତି ଓ ବିଭିନ୍ନ ପ୍ରସଙ୍ଗ ସମ୍ପର୍କରେ ତଥ୍ୟ ସଂଗ୍ରହ କରୁଥିବା ସମୟରେ ଗବେଷକ ଡ଼.ନରେଶ ଚନ୍ଦ୍ର ଦାଶଙ୍କ ତଥ୍ୟ ଅନୁଯାୟୀ, 'ବିବାହ ପରେ ଚତୁର୍ଥୀ ପରଠାରୁ ଆଉ ଶ୍ରୀଜଗନ୍ନାଥ ମହାପ୍ରଭୁ ଏବଂ ମହାଲକ୍ଷ୍ମୀଙ୍କର ସାକ୍ଷାତ ନଥାଏ। ଚତୁର୍ଥୀ ପରଦିନ ସ୍ନାନବେଦୀକୁ ଆସି ୧୦୮ ଗରା ଜଳରେ ସ୍ନାନ କରି ଅସୁସ୍ଥ ହୋଇପଡ଼ନ୍ତି ମହାପ୍ରଭୁ। ନିଜର ପ୍ରିୟ ସେବକ ମାନଙ୍କ ଦ୍ୱାରା ଚିକିତ୍ସିତ ହୋଇ ସୁସ୍ଥତା ଲାଭ କଲା ପରେ ମହାଲକ୍ଷ୍ମୀଙ୍କୁ ନ କହି ଭାଇଭଉଣୀଙ୍କୁ ସାଙ୍ଗରେ ଧରି ଯାତ୍ରା କରିଥାନ୍ତି। ଏଥିରେ ଚିନ୍ତିତ ହୋଇପଡନ୍ତି ମହାଲକ୍ଷ୍ମୀ। ସେଥିପାଇଁ ରଥଯାତ୍ରାର ପଞ୍ଚମ ଦିନ ଅର୍ଥାତ୍ ଆଷାଢ଼ ଶୁକ୍ଳ ଷଷ୍ଠୀ ତିଥିରେ ଲକ୍ଷ୍ମୀ ଠାକୁରାଣୀ ଗୁଣ୍ଡିଚା ମନ୍ଦିରକୁ ଯାତ୍ରା କରିଥାନ୍ତି। ପ୍ରଥମେ ଗୁଣ୍ଡିଚା ମନ୍ଦିର ସିଂହଦ୍ୱାର ଠାରେ ଥିବା ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ ନିକଟରେ ଉପସ୍ଥିତ ହୁଅନ୍ତି। ଏଠାରେ ପତିମହାପାତ୍ର କାଠ ଘୋଡ଼ା ଉପରେ ଠିଆ ହୋଇ ପ୍ରସାଦଲାଗି, ଚାମର ଆଲଟ ଓ ବନ୍ଦାପନା ଇତ୍ୟାଦି ନୀତି ସମ୍ପାଦନ କରନ୍ତି। ଏହାରି ମଧ୍ୟରେ ଶ୍ରୀଗୁଣ୍ଡିଚା ମନ୍ଦିରରେ ଠାକୁରମାନଙ୍କର ସନ୍ଧ୍ୟାଧୂପ ପୂଜା ବସିଥାଏ। ଠାକୁରାଣୀ ରଥ ନିକଟରେ ନୀତି ସମାପ୍ତ କରି ସେହି ବିମାନରେ ଗୁଣ୍ଡିଚା ମନ୍ଦିର ଜୟବିଜୟ ଦ୍ୱାର ନିକଟକୁ ଯାଇଥାନ୍ତି। ସେତେବେଳେ ଠାକୁରମାନେ ଭୋଜନ କରିବା ପାଇଁ ବସିଥାନ୍ତି। ମହାଲକ୍ଷ୍ମୀ ମହାବେଦୀରେ ବିରାଜିତ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କୁ ନିର୍ନିମେଷ ନୟନରେ ଚାହିଁଥାନ୍ତି। ଏହି ସମୟରେ ପତିମହାପାତ୍ର ସେବକ ସିଂହାସନକୁ ଉଠି ଶ୍ରୀଜଗନ୍ନାଥଙ୍କ ଶ୍ରୀଅଙ୍ଗରୁ ଆଜ୍ଞାମାଳ ଆଣି ଲକ୍ଷ୍ମୀ ଠାକୁରାଣୀଙ୍କୁ ଦେଇଥାନ୍ତି। ପୂଜାପଣ୍ଡା ପୂଜା ସାରି ଧୂପ, ଦୀପ ଦେବା ପରେ ସଙ୍ଗେ ସଙ୍ଗେ କଳାହାଟ ଦ୍ୱାର ବନ୍ଦ ହୁଏ। ହେଲେ ମହାପ୍ରଭୁଙ୍କୁ ଦର୍ଶନ କରିବା ଲାଳସା ମା'ଲକ୍ଷ୍ମୀ ଠାକୁରାଣୀଙ୍କର ମେଣ୍ଟି ନଥାଏ। ତେଣୁ ସେ ସାମାନ୍ୟ କ୍ରୋଧାନ୍ୱିତ ହୋଇ ବିମାନରେ ବସି ନାକଚଣା ଦ୍ୱାର ଦେଇ ନନ୍ଦିଘୋଷ ରଥ ନିକଟକୁ ଆସନ୍ତି। ସେଠାରେ ମା'ଙ୍କ ତରଫରୁ ଜଣେ ସେବକ ନନ୍ଦିଘୋଷ ରଥରୁ ଖଣ୍ଡିଏ କାଠ ଭାଙ୍ଗି ଦିଅନ୍ତି। ପରେ ବିମାନଙ୍କୁ ହେରାଗୋହିରୀ ସାହିଦେଇ ଶ୍ରୀମନ୍ଦିରକୁ ଅଣାଯାଏ। ମହାପ୍ରଭୁ ଏହିଦିନ ଆଜ୍ଞାମାଳ ପ୍ରଦାନ କରି ଯଥା ଶୀଘ୍ର ଫେରିଯିବାକୁ ସନ୍ଦେଶ ଦେଇଥାନ୍ତି।'



ବାହୁଡ଼ା ଯାତ୍ରା ଦିନ ଶ୍ରୀଗୁଣ୍ଡିଚା ମନ୍ଦିରରୁ ରଥଟଣା ଆରମ୍ଭ ହୁଏ। ଶ୍ରୀବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ରଥ ସିଂହଦ୍ୱାରରେ ଲାଗେ। କିନ୍ତୁ ଶ୍ରୀଜଗନ୍ନାଥ ବାଟରେ ମାଉସୀ ମା ବା ଅର୍ଦ୍ଧାସିନୀ ଦେବୀଙ୍କ ଠାରୁ ପୋଡ଼ପିଠା ଖାଇ ପୁଣି ପହଞ୍ଚନ୍ତି ଶ୍ରୀନହର ନିକଟରେ। ଶ୍ରୀନହର ନିକଟରେ ନନ୍ଦିଘୋଷ ରଥ ରୁହେ। ଏହି ସମୟରେ ସ୍ୱାମୀଙ୍କ ଖବର ପାଇ ମହାଲକ୍ଷ୍ମୀ ଠାକୁରାଣୀ ପାଟ ପିନ୍ଧି ମାଳଫୁଲରେ ବେଶ ହୋଇ ସାତପାହଚ ଦ୍ୱାରରେ ଥିବା ପାଲିଙ୍କିକୁ ବିଜେ କରନ୍ତି। ବିମାନବଡୁ ସେବକମାନେ ପାଲିଙ୍କି ନେଇ ଚାହାଣି ମଣ୍ଡପ ନିକଟରେ ଉପସ୍ଥିତ ହୁଅନ୍ତି। ସେଠାରେ ମା'ଲକ୍ଷ୍ମୀ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କୁ ରଥରେ ଦର୍ଶନ କରନ୍ତି।

ଏହାପରେ ବିମାନବଡୁମାନେ ପାଲିଙ୍କିକୁ ନନ୍ଦିଘୋଷ ରଥ ନିକଟକୁ ନିଅନ୍ତି। ଏହି ସମୟରେ ଶ୍ରୀବଳଭଦ୍ରଙ୍କ ରଥରେ ଘେର ପଡ଼ିଥାଏ। ପରେ ଗଜପତି ମହାରାଜା ଶ୍ରୀନହରରୁ ବିଜେ କରି ନିଜ ହାତରେ ମହାଲକ୍ଷ୍ମୀଙ୍କୁ ଟେକି ଧରି ଲକ୍ଷ୍ମୀ ନାରାୟଣ ଭେଟ କରାନ୍ତି। ପରେ ପାଲିଙ୍କିରେ ବସି ମହାଲକ୍ଷ୍ମୀ ରଥ ଚାରିପଟେ ପ୍ରଦକ୍ଷିଣ କରିଥାନ୍ତି। ଏହି ସମୟରେ ଆଜ୍ଞାମାଳ ପାଇ ମହାଲକ୍ଷ୍ମୀ ଶ୍ରୀମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିବାର ସନ୍ଦେଶ ଦେଇ ମହାଲକ୍ଷ୍ମୀଙ୍କୁ ଶାନ୍ତ କରିଥାନ୍ତି। ପରିଶେଷରେ ନୀଳାଦ୍ରିବିଜେ ଦିନ ରସଗୋଲା ଭୋଗ ଖାଇବା ପରେ ଲକ୍ଷ୍ମୀ ଠାକୁରାଣୀ ସମ୍ପୂର୍ଣ୍ଣ ଶାନ୍ତ ହୋଇଥାନ୍ତି। ଏହିପରି ମାନବୀୟ ଲୀଳାକ୍ରମ ଶେଷ କରି ମହାପ୍ରଭୁ ପୁଣି ରତ୍ନବେଦୀକୁ ଫେରିଥାନ୍ତି, ଆକୁଳ ଭକ୍ତ ସକଳ ଦର୍ଶନ କରି ଆନନ୍ଦ ବଜାରରୁ ମହାପ୍ରସାଦ ସେବନକରି ନିଜକୁ ଧନ୍ୟ ମନେ କରନ୍ତି।

**ଅଣିକଣା, ବରୀ, ଯାଜପୁର,**
**ଦୂରଭାଷ : ୮୯୧୭୩୭୭୯୮୭**



## ଏହି ସପ୍ତାହ, ସେହି ବର୍ଷ (ଜୁଲାଇ ୫-୧୧)

### ଏଇ ସପ୍ତାହ


ଜୁଲାଇ ୫, ୧୯୫୪- ବିବିସି ୨୦ ମିନିଟ୍‌ର ପ୍ରଥମ ଟେଲିଭିଜନ ପ୍ରସାରଣ କରିଥିଲା।



ଜୁଲାଇ ୬, ୧୯୪୪-ସୁବାଷ ଚନ୍ଦ୍ର ବୋଷ ପ୍ରଥମ ଥର ଗାନ୍ଧିଜୀଙ୍କୁ 'ରାଷ୍ଟ୍ରପିତା' ବୋଲି ସମ୍ବୋଧନ କରିଥିଲେ।




ଜୁଲାଇ ୭, ୨୦୦୩- ନାସାର ଅପର୍ଚୁନିଟି ଅନ୍ତରୀକ୍ଷ ଯାନ ମଙ୍ଗଳ ଗ୍ରହ ପାଇଁ ଉଡ଼ାଣ ଭରିଥିଲା।




ଜୁଲାଇ ୮, ୧୬୯୩- ନ୍ୟୁୟର୍କରେ ପୋଲିସ୍ ଡ୍ରେସ୍‌କୁ ମଞ୍ଜୁରୀ ଦିଆଗଲା।




ଜୁଲାଇ ୯, ୧୮୭୫- ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ୍‌ର ସ୍ଥାପନା ହୋଇଥିଲା।



ଜୁଲାଇ ୧୦, ୧୯୬୫- ଗ୍ୱାଲିଅରରେ ମହିଳାମାନଙ୍କ ପାଇଁ ପ୍ରଥମ ଏନ୍‌ସିସି କଲେଜର ସ୍ଥାପନା କରାଯାଇଥିଲା।




ଜୁଲାଇ ୧୧, ୨୦୦୪- ମୁମ୍ବାଇ ଉପନଗରରେ ସାତଟି ରେଳ ବୋମା ବିସ୍ଫୋରଣ ହୋଇଥିଲା।





# ବିଚାର ବ୍ୟବସ୍ଥାରେ ଲକ୍ଷ୍ମଣରେଖା

**ଯୁଧିଷ୍ଠିର ମହାରଣା**



ପାଖାପାଖି ଅଶୀ ବର୍ଷର ଘଟଣାବହୁଳ ଯାତ୍ରାପଥରେ ଦେଶ ଚାଲିଛି । ଭାରତ ସ୍ୱାଧୀନତା ପାଇବା ପରେ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥା ଅନେକ ଆହ୍ୱାନକୁ ସମ୍ମୁଖୀନ ହୋଇଛି । ଭାରତର ସମ୍ବିଧାନ ବିଶ୍ୱର ସର୍ବବୃହତ୍ତ ମର୍ଯ୍ୟାଦାଜନକ ସମ୍ବିଧାନର ସମ୍ମାନ ପାଇଥାଏ ଏବଂ ଭାରତ ହେଉଛି ବିଶ୍ୱର ସର୍ବବୃହତ୍ତ ଗଣତାନ୍ତ୍ରିକ ରାଷ୍ଟ୍ର । ବିଶ୍ୱ ଗୁରୁର ମର୍ଯ୍ୟାଦା ପାଇ ପୃଥିବୀର ଚତୁର୍ଥ ଅଭିବୃଦ୍ଧି ସମ୍ପନ୍ନ ରାଷ୍ଟ୍ର ହେବାକୁ ଯାଉଥିବା ଭାରତର ସାମଗ୍ରିକ ଶାସନ ଚିତ୍ରକୁ ଟିକିଏ ନିରିଖେଇ ଦେଖିଲେ ଯେ କେହିଙ୍କ ଭିତରେ ଏକ ସ୍ୱାଭାବିକ ପ୍ରଶ୍ନ ଉଠିବ ଯେ ଆମ ଗଣତନ୍ତ୍ରର ଚାରି ସ୍ତମ୍ଭ କୁହାଯାଉଥିବା ନ୍ୟାୟପାଳିକା, କାର୍ଯ୍ୟପାଳିକା, ବିଧାନ ପାଳିକା ଓ ଗଣମାଧ୍ୟମ ସମସ୍ତେ ନିଜ ନିଜ ଭୂମିକା ଓ ଗୁରୁଦାୟିତ୍ୱ ନିଷ୍ଠାପର ଭାବେ ସ୍ୱାଧୀନଚେତା ସହିତ ନିର୍ବାହ କରୁଛନ୍ତି ତ ? ଏହାର ଉତ୍ତର ଅନେକଙ୍କ ପାଇଁ ମଧୁରମୟ ବା ଆସ୍ତିବାଚକ ନ ହୋଇପାରେ, ନ ହେବା ମଧ୍ୟ ସ୍ୱାଭାବିକ । ଆମେ ସ୍ୱାଧୀନ ଭାରତର ନାଗରିକ, ଆମ ସମ୍ବିଧାନ ହିଁ ଆମର ଶକ୍ତି । ଆମେ ଯେଉଁ ମୌଳିକ ଅଧିକାର ପାଇଛୁ ଏହି ସ୍ୱାଧୀନତାକୁ ବ୍ୟବହାର କରିବା ସମୟରେ ହେଉ ବା କ୍ଷମତାର ପ୍ରୟୋଗ । ଅନେକ କ୍ଷେତ୍ରରେ ଉତ୍ତରଦାୟିତ୍ୱ ବଡ଼ ପ୍ରଶ୍ନ ସୃଷ୍ଟି କରିଥାଏ । ବିଧାନପାଳିକା କଥା ଆଲୋଚନା କଲାବେଳେ ଆମ ମାନଙ୍କର ପ୍ରତିନିଧି ବା ନିର୍ବାଚିତ ଜନପ୍ରତିନିଧି ନାଗରିକ, ଦେଶ ଓ ସମାଜ ପ୍ରତି ଉତ୍ତରଦାୟିତ୍ୱ ନିର୍ବାହରେ ସକ୍ଷମ ତ ? ସେହିପରି ବିରୋଧୀ ଦଳର ଭୂମିକା ଆଚରଣ ଓ ଉଚ୍ଚାରଣ ଦୁଇଟି ପରି ପ୍ରଦର୍ଶିତ ହୋଇ ଏହା ଶାସନ କ୍ଷେତ୍ର ନିମିତ୍ତ ବିଶେଷକରି ଗଣତାନ୍ତ୍ରିକ ଅନୁଷ୍ଠାନ ପାଇଁ ଆହ୍ୱାନ ପୂର୍ଣ୍ଣ ହୋଇପାରୁନି । ଅନେକ କ୍ଷେତ୍ରରେ ଆମ ସଂଘୀୟ ଶାସନ ବ୍ୟବସ୍ଥାରେ ରାଜ୍ୟପାଳଙ୍କ ଭୂମିକା ଲକ୍ଷ୍ମଣ ରେଖା ଅତିକ୍ରମ କରୁଛି ବୋଲି ଘଟଣାବଳୀ ସୃଷ୍ଟି ହେଉଛି ଏବଂ ପ୍ରସଙ୍ଗ କେବଳ ସାମ୍ବିଧାନିକ ସଙ୍କଟ ସୃଷ୍ଟି କରୁନାହିଁ ବରଂ ନ୍ୟାୟପାଳିକାକୁ ଦାୟିତ୍ୱ ନିର୍ବାହ ନିମିତ୍ତ ହସ୍ତକ୍ଷେପ କରିବାକୁ ପଡୁଛି ।

ସେହିପରି କାର୍ଯ୍ୟପାଳିକା ସମ୍ବିଧାନ ପ୍ରଦତ୍ତ ଅଧିକାର ଓ କର୍ତ୍ତବ୍ୟ ନିର୍ବାହ ବେଳେ ଉତ୍ତରଦାୟିତ୍ୱକୁ ଗୁରୁତ୍ୱ ନ ଦେଇ କ୍ଷମତାସୀନ ଦଳର ହାତବାରିସି ହେଉଥିବାରୁ ସାଧାରଣରେ ନିନ୍ଦିତ ହେଉଛି, ଯାହାଫଳରେ ସାମଗ୍ରିକ ଭାବେ ଗଣତାନ୍ତ୍ରିକ ବ୍ୟବସ୍ଥା ଓ ସାମ୍ବିଧାନିକ ମୂଲ୍ୟବୋଧ ପ୍ରଭାବିତ ହେଉଛି । ନ୍ୟାୟପାଳିକାର ରାୟ ମଧ୍ୟ ଅନେକ ସମୟରେ ଦୂରଦର୍ଶୀ ନ ହୋଇ ତତ୍କାଳିକ ସମାଧାନଭିତ୍ତିକ ହେଉଥିବାରୁ ରାୟର ପୁନଃତର୍ଜମା କରି ସଂଶୋଧନ କରିବାକୁ ପଡୁଛି । ଏହାଫଳରେ ନ୍ୟାୟପାଳିକାର ନିରପେକ୍ଷତା ଏବଂ ସାମ୍ବିଧାନିକ ଲକ୍ଷ୍ମଣରେଖାର ସମ୍ମାନରକ୍ଷାରେ ଉତ୍ତରଦାୟିତ୍ୱ ଉପରେ ନାଗରିକ ସମାଜ ଦ୍ୱାରା ପ୍ରଶ୍ନ ଚିହ୍ନଟିଏ ଉଠୁଛି । ସାମ୍ପ୍ରତିକ ପ୍ରତିଯୋଗିତାପୂର୍ଣ୍ଣ ଓ ବିବିଧ ଆହ୍ୱାନଭରା ବିଶ୍ୱରେ ନିରପେକ୍ଷ ସମ୍ବାଦ ପରିବେଷଣ କରି ତିଷ୍ଠି ରହିବା ସମ୍ପୂର୍ଣ୍ଣ ସମ୍ଭବ ନ ହେଲେ ମଧ୍ୟ ଗଣମାଧ୍ୟମର ବିଶ୍ୱସନୀୟତା ଓ ପବିତ୍ରତା ହନନ ହେବା ଅନୁଚିତ । କିନ୍ତୁ ବାଧ୍ୟବାଧକତାରେ ହେଉ କିମ୍ବା ଉଦ୍ଦେଶ୍ୟମୂଳକ ଭାବେ ହେଉ ଅନେକ ସମୟରେ ବିଭ୍ରାନ୍ତିକର, କପୋଳକଳ୍ପିତ, ପକ୍ଷପାତପୂର୍ଣ୍ଣ ଓ ପରସ୍ପର ବିରୋଧୀ ଖବରମାନ ପ୍ରକାଶ ପାଇଲେ ପାଠକୀୟ ସମାଜର ଗଣମାଧ୍ୟମ ପ୍ରତି ଶ୍ରଦ୍ଧା, ସମ୍ମାନ, ଭରସା ତୁଟିବା ସ୍ୱାଭାବିକ । ଏହାଫଳରେ ଗଣ ଓ ସରକାରଙ୍କ ମଧ୍ୟରେ ସେତୁଟି ଦୁର୍ବଳ ହେଉଛି ଏବଂ ଶାସନତନ୍ତ୍ର ସ୍ୱୈରଚତାର ଆଡ଼କୁ ଟାରି ହୋଇଯିବାର ଅବାଞ୍ଛିତ ସୁଯୋଗ ସୃଷ୍ଟି କରୁଛି, ଯାହା ଗଣତନ୍ତ୍ରର ପରିପନ୍ଥୀ ।

ତେଣୁ ଗଣମାଧ୍ୟମ ନିଜକୁ ସ୍ୱଚ୍ଛ, ସ୍ୱଷ୍ଟ କରିବା ସହିତ ଉତ୍ତରଦାୟୀ ହେବା ସୁସ୍ଥ ଗଣତନ୍ତ୍ର ପାଇଁ ଅପରିହାର୍ଯ୍ୟ । ଆମ୍ଭ ମାନଙ୍କର ମଧ୍ୟ ସମାଜ, ରାଜ୍ୟ, ଦେଶ ପ୍ରତି ଯଥେଷ୍ଟ ନିଷ୍ଠାବାନ ଓ ସଚେତନଧର୍ମୀ ଉତ୍ତରଦାୟିତ୍ୱ ରହିଛି । ଆମ ସମ୍ବିଧାନ ଆମକୁ ଯେଉଁ ସ୍ୱାଧୀନତା ଓ ଅଧିକାର ଦେଇଛି ସେଥିନିମିତ୍ତ ଆମେ ନିଜ ସ୍ୱାବଲମ୍ବନ, ପରିଚୟ ସୃଷ୍ଟି ସହ ଅର୍ଥ ଉପାର୍ଜନ କରି ସାମାଜିକ ପ୍ରତିଷ୍ଠା ପାଇପାରୁଛୁ । ସମ୍ବିଧାନ ଓ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାର ଊର୍ଦ୍ଧ୍ୱରେ ଆମ ସମାଜ ପାଇଁ, ଆମ ପାଇଁ କେତେକ ସଂସ୍କାର, ଶିଷ୍ଟତା, ସଂଯମତା ଓ ସୀମାତିକ୍ରମତାର ରେଖା ଟାଣିଛି । ତେଣୁ ଏହି ରେଖା ଯେପରି ଉଲ୍ଲଂଘନ ନହୁଏ ଏହା ଆମ ପାଇଁ ବଡ଼ ଉତ୍ତର ଦାୟିତ୍ୱ । ପରିବେଶଜନିତ ସଙ୍କଟ ବିଶ୍ୱରେ ଅଶାନ୍ତିମୟ ପରିବେଶ, ଚର୍ତୁଦିଗରେ ପ୍ରଦୂଷଣର କାୟା, ସାଂସ୍କୃତିକ ଅବକ୍ଷୟ ଆମ୍ଭମାନଙ୍କୁ ଭାରାକ୍ରାନ୍ତ କରୁଛି । ଆମ ମହାନ ସମ୍ବିଧାନ ସ୍ୱାଧୀନତାର ଲମ୍ବା ଯାତ୍ରାର ଅମୃତମୟ ସମୟରେ ଯେତିକି ବଢୁଛି ସେତିକି ପ୍ରଭାବୀ ମଧ୍ୟ ହୋଇପାରୁଛି । ସାମ୍ବିଧାନିକ ମୂଲ୍ୟବୋଧର ସମ୍ମାନ ଓ ଅଖଣ୍ଡ ସୁରକ୍ଷା ହେଉଛି ଆମର ଆମ ଜନ୍ମଭୂମି, ଆମ ମାତୃଭୂମି ପାଇଁ ଶ୍ରେଷ୍ଠ ଦାୟିତ୍ୱବୋଧ ।

**ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ,**
**ଦୂରଭାଷ : ୯୪୩୭୧୬୩୫୨୮**



# ସ୍ନାନ ମଣ୍ଡପରେ ଦିଅଁ

ସୁଚରିତା ମହାନ୍ତି

**‘ସର୍ବ ରହସ୍ୟ ପୁରୁଷୋତ୍ତମସ୍ୟ ଦେବା ନା ଜାନାନ୍ତି କୁତୋ ମନୁଷ୍ୟ’।**

ଜଗତର ସ୍ରଷ୍ଟା ପରଂବ୍ରହ୍ମଙ୍କର ପ୍ରକୃତ ସ୍ୱରୂପ ଦେବତାମାନେ ମଧ ନିର୍ଣ୍ଣୟ କରିବା କେବେ ସମ୍ଭବ ହୋଇନାହିଁ।
ସେହି ପୁରୁଷୋତ୍ତମ ନିର୍ଗୁଣ, ନିରାକାର,ନିର୍ଲିପ୍ତ, ନିର୍ବିକାର ହୋଇ ମଧ ସଗୁଣ, ସାକାରରୂପ ଧାରଣ କରି ନିତ୍ୟ ମାନବୀୟ ଲୀଳା ସଂରଚନା କରୁଅଛନ୍ତି।

ଯେମିତି ମଣିଷମାନଙ୍କର ବିଭିନ୍ନ ପ୍ରକାରର ସ୍ନାନ ହୋଇଥାଏ ସେମିତି ଆମ ମହାପ୍ରଭୁଙ୍କର ସ୍ନାନ ମଧ ହୋଇଥାଏ। ମନ୍ଦିରରେ ଯଦି ଅକସ୍ମାତ କୌଣସି ପ୍ରକାରର ଦୁର୍ଘଟଣା ଘଟେ ନିତି ବନ୍ଦ ରହେ, ସବୁ ଧୁଆଧୋଇ ସରିବା ପରେ ଠାକୁରମାନଙ୍କୁ ସ୍ନାନ କରିବା ପରେ ପୁଣି ନିତିକାନ୍ତି ଆରମ୍ଭ ହୁଏ।

ଶ୍ରୀମନ୍ଦିରରେ ଶ୍ରୀଜୀଉମାନଙ୍କର ପ୍ରତ୍ୟେକ ଦିନ ପ୍ରତ୍ୟୁଷରୁ ପହଡ଼ ଖୋଲିବାଠାରୁ ଆରମ୍ଭ କରି ବଡ଼ସିଂହାର ବେଶ ପରେ ପହଡ଼ ପଡ଼ିବା ଯାଏଁ ପୁରୁଷୋତ୍ତମ ଲୀଳା କରିଥାନ୍ତି। ଶ୍ରୀଜଗନ୍ନାଥଙ୍କର ବାର ମାସରେ ତେର ପର୍ବ ପାଳନର ବିଧି ରହିଆସିଛି। ଏହି ପର୍ବମାନଙ୍କ ମଧରେ ଠାକୁରମାନଙ୍କର ବିଶ୍ୱପ୍ରସିଦ୍ଧ ରଥଯାତ୍ରାକୁ ଆଧାର କରି ବହୁଧା ମତ ରହିଅଛି। ଶ୍ରୀମନ୍ଦିରରେ ଯେତେକ ଯାତ୍ରା ଅନୁଷ୍ଠିତ ହୋଇଥାଏ,ତନ୍ମଧ୍ୟରୁ ବାରଟି ଯାତ୍ରା ପ୍ରଧାନ ଅଟେ।

ଏଥିମଧ୍ୟରୁ ଶ୍ରୀଜୀଉମାନଙ୍କର ସ୍ନାନଯାତ୍ରା ହେଉଛି ସବୁଠାରୁ ଅନ୍ୟତମ ।ରଥଯାତ୍ରାର ବିଭିନ୍ନ ପ୍ରକ୍ରିୟା ସ୍ନାନଯାତ୍ରାରୁ ହିଁ ଆରମ୍ଭ ହୋଇଥାଏ। ସ୍ନାନ ପୂର୍ଣ୍ଣିମା ପୂର୍ବଦିନ ସବୁଦିନ ପରି ଶ୍ରୀମନ୍ଦିରରେ କବାଟଫିଟା, ପାହାନ୍ତିଆ ଅବକାଶ, ଗୋପାଳବଲ୍ଲଭ, ସକାଳଧୂପ, ଦ୍ୱିପ୍ରହର ଧୂପ ଆଦି ନିତିର ସମାପନ ପରେ ଅଳ୍ପ ସମୟ ପାଇଁ ଠାକୁରମାନଙ୍କ ପହୁଡ଼ ପକାଯାଏ, ତା’ପରେ ସ୍ନାନ ପୂର୍ଣ୍ଣିମାର ସମସ୍ତ ବିଧି ଆରମ୍ଭ ହୁଏ। କୋଠସିଆଁମାନେ ଶ୍ରୀମନ୍ଦିରକୁ ଆସି ଠାକୁର ପହଣ୍ଡିଙ୍କ ପହଣ୍ଡି ଲାଗି ଚାରମାଳ ବାନ୍ଧନ୍ତି। ପ୍ରଭୁଙ୍କର ସେନାପଟା ଓ ବାହୁଟିନାଗି ହୁଏ।ରତ୍ନ ସିଂହାସନ ଉପରେ ମଙ୍ଗଳାର୍ପଣ କରି ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦଇତାପତିମାନେ ପହଣ୍ଡି କରନ୍ତି।

ପହଣ୍ଡି ବେଳେ ମଦନମୋହନଙ୍କୁ କେବଳ ମହାଜନ ସେବକମାନେ ବିଜେ କରେଇଥାନ୍ତି । ପହଣ୍ଡି ବିଜେ ସମୟରେ ଦିଅଁମାନେ ସାତ ପାହାଚ ଉପରେ ଚୂଳ ଓ ଟାହିଆ ଲାଗି ହୁଅନ୍ତି। ଟାହିଆଲାଗି ପରେ ଦ୍ୱିତୀୟ ମଙ୍ଗଳାର୍ପଣ ହୁଏ। ତା’ପରେ ବନ୍ଦାପନା କରାଯାଇ ରାଘବ ଦାସ ମଠରୁ ଆସିଥିବା ଘଷା ନାଗି କରାଯାଏ । ତା’ପରେ ପନ୍ତି ଖାଇ ଖାଇ ଦିଅଁମାନେ ସ୍ନାନବେଦୀକୁ ଯାଇ ନିଜର ଆସ୍ଥାନ ଉପରେ ଉପବେଶନ କରନ୍ତି। ଏଥିରେ ଅଧିକ ସେବକମାନେ ନିୟୋଜିତ ହୋଇ କାର୍ଯ୍ୟ ସମ୍ପନ୍ନ କରିଥାନ୍ତି।ମା’ ଶୀତଳା ଦେବୀଙ୍କ ଦେବସଭା ମଧରେ ଥିବା ସୁନାକୂଅରୁ ଜଳ ସଂଗ୍ରହ କରାଯାଏ । ଯେତେବେଳେ ମହାପ୍ରଭୁଙ୍କର ସ୍ନାନଯାତ୍ରା ଅନୁଷ୍ଠିତ ହୋଇଥାଏ ସେହି ସମୟରେ ସୁନାକୂଅରୁ ଜଳ ଅଣାଯାଇଥାଏ। ଏହି ପବିତ୍ର ସ୍ନାନ ପୂର୍ଣ୍ଣିମାରେ ସୁନା ଗୋସାଇଁ ସୁନା କୂଅରୁ ଜଳ ସଂଗ୍ରହ କରିଥାନ୍ତି। ସଂଗୃହିତ ଜଳକୁ ପବିତ୍ର ଓ ସ୍ନାନ ଉପଯୋଗୀ କରିବା ପରେ ସ୍ନାନ ମଣ୍ଡପ ନିକଟକୁ ଅଣାଯାଇଥାଏ। ଏହି ସ୍ନାନ ଯାତ୍ରାରେ ୧୦୮ ଗରା ପାଣିରେ ଦିଅଁ ସ୍ନାନ କରିବାର ବିଧି ରହିଆସିଛି। ସ୍ନାନ ପାଇଁ ତିନିଗରା ଜଳ ଆଣି ତିନି ଠାକୁରଙ୍କ ସମ୍ମୁଖରେ ରଖା ଯାଇଥାଏ।୧୦୮ କଳସରେ ଅଷ୍ଟବନ୍ଧ,ଗୋରଚନା,ଦେବଦାରୁ, ହରିତାଳ, ମୁଥା, ସୋମପର୍ଣ୍ଣୀ, କୃଷ୍ଣ -ଅଗୁରୁ, ଉଶୀର ଓ ଲୋଧା ମିଶ୍ରିତ କରାଯାଏ । ଏହି ଜଳରୁ ୩୫ ଗରା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ, ୩୩ ଗରା ବଡ଼ ଭାଇ ବଳଭଦ୍ରଙ୍କୁ ଏବଂ ୨୨ଗରା ମା’ ସୁଭଦ୍ରାଙ୍କୁ ଓ ୧୮ ଗରା ପ୍ରଭୁ ସୁଦର୍ଶନଙ୍କୁ ସ୍ନାନ କରାଯାଏ । ଏହାକୁ ‘ପ୍ରତ୍ୟେକ୍ଷ ଅବକାଶ ନିତି’ କୁହାଯାଇଥାଏ।ତିନି ଗୋଟି ପିଢ଼ା ଉପରେ ତିନି ଗୋଟି ଧାତୁରେ ନିର୍ମିତ ଦର୍ପଣ ରଖାଯାଏ । ଯେମିତି କି ଦିଅଁମାନଙ୍କର ପ୍ରତିଛବି ସେହି ଦର୍ପଣରେ ଦୃଶ୍ୟମାନ ହେଉଥିବ ।

ସ୍ନାନ ପାଇଁ ତିନିଗୋଟି ରୂପା ଝରିରେ ପାଣି ରଖି ସେଥିରେ କର୍ପୂର, ଚନ୍ଦନ, ଦହି ଗୋଳେଇ ରଖାହୋଇଥାଏ। ମହାପ୍ରଭୁଙ୍କ ଆବିର୍ଭାବ ବେଳେ ଏହିଭଳି ସ୍ନାନ କରାଯାଇଥିବାରୁ ଶ୍ରୀବିଗ୍ରହମାନଙ୍କର ଆଦ୍ୟଲୀଳା ବୋଲି କୁହାଯାଏ । ମହାରାଜା ଇନ୍ଦ୍ରଦ୍ୟୁମ୍ନ ମହାପ୍ରଭୁଙ୍କ ଦାରୁ ବ୍ରହ୍ମ ରୂପ ଧାରଣ କରିବା ପରେ ପ୍ରଥମେ ମଙ୍ଗଳ ମୁହୂର୍ତ୍ତରେ ସ୍ନାନ କରାଇଥିଲେ। ସେ ସମୟରେ ସ୍ନାନ ମଣ୍ଡପ ନଥିବାରୁ ଗୋଟିଏ କାଠର ମଞ୍ଚ ନିର୍ମାଣ କରାଯାଇ ତାହାରି ଉପରେ ଦିଅଁମାନଙ୍କୁ ସ୍ନାନ କରାଯାଉଥିଲା । ସେହି ମତ ଅନୁସାରେ ଜ୍ୟେଷ୍ଠ ମାସର ଶୁକ୍ଳପକ୍ଷ ପୂର୍ଣ୍ଣିମାତିଥିରେ ସ୍ନାନଯାତ୍ରା ଅନୁଷ୍ଠିତ ହୋଇଥାଏ। ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଏହି ସ୍ନାନ ଯାତ୍ରାକୁ ଦର୍ଶନ କରୁଥିବାରୁ ପତିତପାବନ ଲୀଳା ମଧ କୁହାଯାଏ । ଏହି ସ୍ନାନ ମଣ୍ଡପରେ ପ୍ରଭୁମାନଙ୍କୁ ଗଜାନନ ବେଶ କରାଯାଏ। ରାଘବ ଦାସ ମଠରୁ ମା’ ସୁଭଦ୍ରାଙ୍କୁ ଫୁଲଚୂଳ, ଚନ୍ଦ୍ରିକା,ଛତ୍ରି ନାଗି କରାଯାଇ ବେଶ କରାଯାଇଥାଏ । ଶ୍ରୀବଳଭଦ୍ରଙ୍କୁ ଗଜାନନ ବେଶ ଓ ସୁଦର୍ଶନଙ୍କୁ ଚକ୍ର ଗୋପାଳତୀର୍ଥ ମଠ ଦ୍ୱାରା ଲାଗି କରାଯାଇଥାଏ । ଠାକୁରଙ୍କୁ ତିନି ଧୂପ ବଦଳରେ ଗୋଟିଏ ଧୂପ ଦିଆଯାଇଥାଏ।

ସ୍ନାନ ମଣ୍ଡପରୁ ଦିଅଁମାନଙ୍କୁ ଶ୍ରୀମନ୍ଦିରକୁ ଗୋଟି ପହଣ୍ଡି କରି ଆଣନ୍ତି। ଠାକୁରମାନେ ବିଜେ କରିବାପରେ ଭିତର କାଠପାଖ ଅଣସର ପିଣ୍ଡିରେ ତାଟି ବନ୍ଧାଯାଏ ଓ ପଟି ମୂର୍ତ୍ତି ସ୍ଥାପନ କରାଯାଇଥାଏ । ତା’ପରେ ଏହି ଚତୁର୍ଦ୍ଧାମୂର୍ତ୍ତିଙ୍କୁ ସ୍ନାନପୂର୍ଣ୍ଣିମା ଠାରୁ ନେତ୍ରୋତ୍ସବ ପର୍ଯ୍ୟନ୍ତ ଅଣସର ଘରେ ରଖାଯାଏ । ଦିଅଁମାନେ ସ୍ନାନ ପରେ ଅସୁସ୍ଥ ହୋଇଯାଆନ୍ତି ।ଜ୍ୱରରେ ପଡ଼ନ୍ତି ପନ୍ଦର ଦିନ ଧରି, ଦିଅଁମାନଙ୍କୁ ବୈଦ୍ୟ ଚିକିତ୍ସା କରନ୍ତି। ଏହି ପନ୍ଦର ଦିନ ଭକ୍ତମାନେ ଠାକୁରଙ୍କ ଦର୍ଶନ ପାଇବାରୁ ବଞ୍ଚିତ ହୋଇ ବ୍ରହ୍ମଗିରିରେ ପ୍ରଭୁ ଅଲାରନାଥଙ୍କୁ ଦର୍ଶନ କରିଥାନ୍ତି। ନେତ୍ରୋତ୍ସବ ଦିନ ଦିଅଁ ଅଣସରରୁ ସୁସ୍ଥ ହୋଇ ବାହାରିବା ପରେ ଭକ୍ତମାନେ ଦର୍ଶନ କରିଥାନ୍ତି। ତେଣୁ ଦିଅଁମାନେ ସ୍ନାନ ମଣ୍ଡପରେ ଗଜ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇ ସମସ୍ତ ବିଘ୍ନରୁ ମୁକ୍ତି ଦେଇଥାନ୍ତି। ଅସଂଖ୍ୟ ଜନସମୁଦ୍ର ମଧରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ମାନବୀୟ ଲୀଳାର ଦର୍ଶନ ମାତ୍ରେକେ ସବୁ ପାପତାପ କ୍ଷୟ ହୋଇଥାଏ।

‘ଶୁଖିଲା କାଠ ଦାରୁବ୍ରହ୍ମ
ତହିଁ ଅଛନ୍ତି ପରଂବ୍ରହ୍ମ।’

ସେଇ ପରଂବ୍ରହ୍ମଙ୍କୁ ସ୍ନାନ ମଣ୍ଡପରେ ଗଜବେଶରେ ଦର୍ଶନ କରି ପ୍ରାଣୀଜଗତ ନିଜକୁ ଧନ୍ୟ ମଣିଥାଏ ।

**ବାରିପଦା, ମୟୂରଭଞ୍ଜ**
**ମୋ-୮୯୧୭୫୭୧୨୦୨**

ଅପେରା ଆଇଟମ୍
ଶ୍ରୀଗୋବିନ୍ଦ

## ରଙ୍ଗମଞ୍ଚ ଡ଼ାକେ ଆ...ଆ...

# ମୋର ପ୍ରଥମ ନିର୍ଦ୍ଦେଶକ ଥିଲେ ସଚ୍ଚି ସାର୍: କମେଡି କିଙ୍ଗ୍ ଦୟା



ଓଡ଼ିଆ ଯାତ୍ରା ଜଗତର କମେଡି କିଙ୍ଗ୍ କୁହାଯାଉଥିବା ଦୟାଙ୍କ ଯାତ୍ରା ଏମିତି ସେମିତି ନଥିଲା। ପଡ଼ିଉଠି ଆଣ୍ଠୁଗଣ୍ଠି ଛିଣ୍ଡେଇ ଯେଭଳି ଭାବରେ ଆଗକୁ ଆସିଛନ୍ତି, ତାହା କଣ କମ୍ କଥା। ଦୟାଙ୍କ କଥା ଶୁଣିଲେ, ଲାଗିବ ସତେକି ବିଦେଶୀ କମେଡି ଚାର୍ଲି ଚାପଲିନ୍ଙ୍କ କାହଣୀ ଭଳି। ଯିଏ ପ୍ରତି ମୁହୂର୍ତ୍ତରେ ହସୁଥିଲେ ଓ ହସାଉଥିଲେ, ଦୟା ମଧ୍ୟ ସେମିତି ସଦାସର୍ବଦା ମାର୍କାମରା ଚୋକାଟିଏ ହୋଇ ହସ ଖଣ୍ଡେ ଝୁଲେଇ ରଖିଥିବେ ଓଠରେ। ସେ ସେମିତି ଚୋକା ଖଣ୍ଡେ ନା ଆଉ... କହିଲେ କଣ ହେବ। କିଛି ନହେଲେ ମନରୁ ଦିପଦ ଗାରେଇ ଦେଇ ଏମିତି ବେଦମ କରିବେ, ହସି ହସି ଗଡ଼ୁଥିବ। କେଉଁ ଅଭିନୟ ସେ କରି ନାହାନ୍ତି, କହୁନ। ଯେଉଁ ବେଶ କରି ଛିଡ଼ା କରେଇ ଦେଲେ ବି ସେ ଏମିତି ଅଭିନୟରେ ମଜ୍ଜେଇ ଦେବେ ଯେ ମନ ଭିତରେ ସେମିତି ଛାପ ହୋଇ ରହିଯିବ। ସେ ଏମିତି ଗାରଉ ଗାରଉ ଅନେକ ଚରିତ୍ରକୁ ଗାରେଇ ଦେଲେଣି ନୁହେଁ ଅନେକଙ୍କ ମନ କାଗଜରେ ସେ ବି ଯାହା ସବୁ ଗାରେଇ ଦେଇଛନ୍ତି, ତାହା ଗପ ପରି ଲାଗିଲେ ବି ସତ। ସବୁପରେ ବି ସେ କିଭଳି, କେଉଁ ପରିସ୍ଥିତିରେ ଯାତ୍ରାକୁ ଆସିଲେ, ତାହା ଜାଣିବା ଆସନ୍ତୁ। ଦୟାଙ୍କର ସେତେବେଳେ ଅଭିନୟ ପ୍ରତି ଅହେତୁକ ଦୁର୍ବଳତା ଥାଏ। ଯାତ୍ରା ପାର୍ଟିକୁ ସିନା ପଳେଇ ଆସିଲେ ହେଲେ ଅଭିନୟର ସୁଯୋଗ ସିନା ମିଳିଲେ। ତେଣୁ ପାର୍ଟି ମାଲିକ କହିଲେ-ଦୟା, ତୁମେ ତ ବ୍ରାହ୍ମଣ ପିଲା...ପୂଜା ପାଠ କର। ଯେତେବେଳେ ସୁବିଧା ହେବ, ଅଭିନୟ କରିବ। ଅଭିନୟ କରିବାର ଲୋଭ ଦୟାଙ୍କ ପାଖରେ ସେତେବେଳେ ଥିବାରୁ ସେ ହିଁ ମାରି ରହିଯାଇଥିଲେ ଓ ଯାତ୍ରାପାର୍ଟିରେ ଠାକୁର ପୂଜା କରୁଥିଲେ। ଏମିତି ସେ ଚାରି ପାଞ୍ଚ ବର୍ଷ ଠାକୁର ପୂଜା କରିବା ପରେ ଅଭିନୟର ସୁଯୋଗ ମିଳିଥିଲା। ଭବାନୀ ଗଣନାଟ୍ୟ, ଓଡ଼ିଶା ଅପେରା, ତ୍ରିନାଥ, ତାରିଣୀ, ଇଷ୍ଟର୍ଣ୍ଣ, ରଙ୍ଗମହଲ, ବିଶ୍ୱ ଦରବାର, ଇନ୍ଦ୍ରମହଲ, ସ୍ୱପ୍ନ ମହଲ, ରାଜଧାନୀ, ସୂର୍ଯ୍ୟ ମନ୍ଦିର ଆଦି ଯାତ୍ରାନୁଷ୍ଠାନରେ ଅଭିନୟ କରିବା ଓ ଦର୍ଶକଙ୍କ ହୃଦୟରେ ଛାପ ହୋଇ ରହିବା ଭିତରେ ଅନେକ କାହଣୀ ରହିଛି। ଦୟା କୁହନ୍ତି-ମୋର ପ୍ରଥମ ନିର୍ଦ୍ଦେଶକ ହେଲେ ସଚ୍ଚି ଦାସ, ଯାହାଙ୍କ ଠାରୁ ଅଭିନୟର ଅନେକ କିଛି କଥା ଶିଖିଥିଲି। ଚିନ୍ମୟ ଦାସଙ୍କ ରଚିତ ଓ ସଚ୍ଚି ଦାସଙ୍କ ନିର୍ଦ୍ଦେଶନାରେ 'ସାହା ହେବ ମୋ ପଣତକାନି' ନାଟକରେ ଭଲ ଚରିତ୍ର ଦେବା ସହିତ ମୋତେ ଆଗକୁ ଆଣିବାକୁ ପ୍ରୟାସ କରିଥିଲେ। ସେ ଏଭଳି ଜଣେ ନିର୍ଦ୍ଦେଶକ ଥିଲେ, କଳାକାରଙ୍କ ସହ ମିଶି ମଜାମସ୍ତି କରି ସବୁ କାମ କରେଇ ନେଉଥିଲେ। ଜଣେ ନୂଆ କଳାକାର ବି ଅନେକ କିଛି କଥା ତାଙ୍କ ଠାରୁ ଶିଖିପାରେ।



ଦୟାଙ୍କ ଯାତ୍ରା ସେଦିନରୁ ଥମିନି କି ପାଦ ପାଇଁ ବାଟ ଅକୁଳାଣ ପଡ଼ିନି। ଦିନକୁ ଦିନ ସେ ଜଣେ ଲୋକପ୍ରିୟ ହାସ୍ୟାଭିନେତା ଭାବରେ ଅନେକଙ୍କ ମନ କିଣି ନେଇ ନାହାନ୍ତି ବରଂ ଓଡ଼ିଶା ଯାତ୍ରା ଜଗତର କମେଡ଼ି କିଙ୍ଗ ଭାବରେ ପରିଚିତ ଲାଭ କରିଛନ୍ତି। ସ୍ୱାମୀମାନେ ସାବଧାନ, ତୋ ଚାରିଖୁରାକୁ ଜୁହାର, ଶଶୁରଘରକୁ ଶହେ ସଲାମ, ଗୁପ୍ତ ସମ୍ପର୍କ, ସିଆଇଡ଼ି ଦୟା, ଗଙ୍ଗା ପାପ କଲେ ଧୋଇବ କିଏ, ମୋ ବର୍ଣ୍ଣବୋଧ ହଜିଯାଇଛି, ତୁ ରାଜା ଝିଅ ମୁଁ ରିକ୍ସା ବାଲା, ହାତ ଧରି ବାଟ ଚାଲୁଥିବି, ଝରିଗଲା ଝରାଫୁଲ ଆଦି ନାଟକରେ ଉଣାଧିକେ ଦୟାଙ୍କ ଅଭିନୟ ସମସ୍ତେ ଦେଖିଛନ୍ତି। ଦୟା ଯେଉଁଠି ଯାତ୍ରା କଲେ ବି ତାଙ୍କର ସ୍ୱତନ୍ତ୍ର ଦର୍ଶକ ରହିଛନ୍ତି। କେହି କେହି ତାଙ୍କୁ ଦୟାନା' ବୋଲି ମଧ୍ୟ ଡ଼ାକନ୍ତି। କମେଡି କିଙ୍ଗ ଦୟାନିଧି ଏମିତି ସବୁବେଳେ ହସୁଥାନ୍ତୁ ଓ ହସାଉ ଥାଆନ୍ତୁ ସମସ୍ତଙ୍କୁ।



ମଞ୍ଜରୀ

'ନିତିଦିନ'ର ରବିବାର କ୍ରୋଡ଼ପତ୍ର 'ନଜର'କୁ ପର୍ଯ୍ୟଟନସ୍ଥଳୀ, ହସକଥା, ସୌନ୍ଦର୍ଯ୍ୟ, ରୋଷେଇ, ସିନେମା ଖବର, ସ୍ୱାସ୍ଥ୍ୟ, କ୍ୟାରିୟର ସମ୍ବନ୍ଧୀୟ ଲେଖା ପଠାଇବାକୁ ଚାହୁଁଥିଲେ, ନିମ୍ନଲିଖିତ ଠିକଣାରେ ପଠାନ୍ତୁ-
'ନଜର', ସଂପାଦକ, ନିତିଦିନ, ସେଡ୍ ନଂ-ଟିଏସ୍୨/୨୧୦/ଏ, ସେକ୍ଟର-ଏ, ଜୋନ୍-ବି, ମଞ୍ଚେଶ୍ୱର ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦, mail-nitidinnazar@gmail.com